


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୨ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 22 July 2024

Vol.No. 35 ■ No.196 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଉଷା ପାଢ଼ୀଙ୍କ ନାଁ ନେଇ ଠକେଇ ଉଦ୍ୟମ

ଭୁବନେଶ୍ୱର, ୨୧/୭ (ନି.ପ୍ର): ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ନାଁ ନେଇ କେହି ଠକେଇ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି । ଏ ସଂପର୍କରେ ନିଜେ ଉଷା ପାଢ଼ୀ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲରରେ ଏକ ପୋଷ୍ଟ କରିଛନ୍ତି । କେହି ଜଣେ ଦୁର୍ବୃତ୍ତ ଏକ ହ୍ୱାଟ୍ସଆପ୍ ନମ୍ବରରେ ଉଷା ପାଢ଼ୀଙ୍କ ଫଟୋ ଲଗାଇ ତାଙ୍କର କିଛି ଜଣାଶୁଣା ଲୋକଙ୍କୁ ଟଙ୍କା ମାଗୁଛି । ଉଷା ପାଢ଼ୀଙ୍କ ନଜରକୁ ଏ କଥା ଆସିବା ପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ସାରିଛନ୍ତି । ସତର୍କ ରହିବାକୁ ଓ ଏଭଳି ସାଇବର ଠକଙ୍କ ଜାଲରେ ନ ଫସିବାକୁ ସେ ଅନୁରୋଧ କରିଛନ୍ତି । ଉଷା ପାଢ଼ୀ ତାଙ୍କ 'ଏକ୍ସ'ରେ ଏକ ହ୍ୱାଟ୍ସଆପ୍ ଚାଟ୍‌ର ସ୍କ୍ରିନ୍ ଶଟ୍ ମଧ୍ୟ ଶେୟାର କରିଛନ୍ତି । ଏଥିରେ ଦେଖିବାକୁ ମିଳିଛି ଯେ କେହି ଦୁର୍ବୃତ୍ତ ତାଙ୍କ ନାଁ ନେଇ ଜଣଙ୍କୁ ୫୦ ହଜାର ଟଙ୍କା ମାଗିଛି । ଏଥିପାଇଁ ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବର ପଠାଇଛି । ଏମିତିକି ପରେ ସେ ସେହି ଟଙ୍କା ଫେରାଇ ଦେବ ବୋଲି କହିଛି ।

# ଆଜିଠୁ ସଂସଦର ବଜେଟ୍ ଅଧିବେଶନ



## ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ଯୋଜନା

ନୂଆଦିଲ୍ଲୀ, ୨୧/୭ : ଆସନ୍ତାକାଲିଠୁ ଆରମ୍ଭ ହେଉଛି ସଂସଦର ବଜେଟ୍ ଅଧିବେଶନ । ତାପୂର୍ବରୁ ଗୃହ କାର୍ଯ୍ୟକୁ ସୁରୁଖୁରୁରେ ଚଳାଇବା ପାଇଁ ସବୁ ଦଳର ସହଯୋଗ ଲୋଡ଼ିଛନ୍ତି କେନ୍ଦ୍ର ସରକାର । ଆଜି ବସିଥିଲା ସର୍ବଦଳୀୟ ବୈଠକ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଉଭୟ ରାଜ୍ୟସଭା ଓ ଲୋକସଭା ସାଂସଦଙ୍କ ସହ ବୈଠକରେ ଆଲୋଚନା କରିଛନ୍ତି । ଏପଟେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ଲାଗି ବିରୋଧୀ ଯୋଜନା ପ୍ରସ୍ତୁତ କରିଛନ୍ତି । କାଲିଠୁ ସଂସଦର ବଜେଟ୍ ଅଧିବେଶନ । ବଜେଟ୍ ଅଧିବେଶନ ପୂର୍ବରୁ ବସିସାରିଛି ସର୍ବଦଳୀୟ ବୈଠକ । କାଲି ଉପସ୍ଥାପନ ହେବ ଇକୋନୋମିକ ସର୍ଭେ ରିପୋର୍ଟ-୨୦୨୪ । ଆଉ ମୋଦି ସରକାର ୩.୦ ଗଠନ ପରେ ଜୁଲାଇ ୨୩ରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଗତ ଫେବ୍ରୁଆରୀ ୧ ତାରିଖରେ ଉପସ୍ଥାପନ ହୋଇଥିଲା କାମଚଳା ବଜେଟ । ଏଥର ବଜେଟରେ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ସହ ଇନକମ ଟ୍ୟାକ୍ସ ସ୍ଲାବ୍ ଉପରେ ରହିଛି ଫୋକସ । ଚାଷୀ ଓ କୃଷି କ୍ଷେତ୍ର ପାଇଁ କଣ ରହିବ ବଜେଟରେ ତାହା ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି । ଏସବୁ ଦୃଷ୍ଟି କୋଣରୁ ଚଳିତ ଅଧିବେଶନ ନୂଆ ସରକାର ପାଇଁ ଚ୍ୟାଲେଞ୍ଜିଂ ରହିବ । ବିରୋଧୀ ବିଭିନ୍ନ ପ୍ରସଙ୍ଗକୁ ଅସ୍ତ୍ର କରିପାରନ୍ତି । ତେଣୁ ବଜେଟ୍ ଅଧିବେଶନ ପୂର୍ବରୁ ବସିଥିଲା ସର୍ବଦଳୀୟ ବୈଠକ । ଗୃହରେ କେଉଁ ସବୁ ମୁଦ୍ଦା ଉଠିବ ସେ ନେଇ ଆଲୋଚନା ହୋଇଛି ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଉଭୟ ରାଜ୍ୟସଭା ଏବଂ ଲୋକସଭା ସାଂସଦଙ୍କ ସହ ବୈଠକରେ ଆଲୋଚନା କରିଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି, ଆମ ମାନଙ୍କ ମଧ୍ୟରେ ଉପଯୋଗୀ ଆଲୋଚନା ହୋଇଛି । ସବୁ ଦଳର ନେତାଙ୍କଠାରୁ ଉତ୍ତମ ପରାମର୍ଶ ପାଇଛି । ସମସ୍ତ ସଦସ୍ୟଙ୍କୁ ନେଇ କିଭଳି ସଂସଦକୁ ସୁଚାରୁରୂପରେ ଚଳାଯାଇ ପାରିବ, ସେନେଇ ଆଲୋଚନା ହୋଇଛି । ଅଧିବେଶନରେ ମୋଟ ୬ଟି ବିଲ୍ ଆସିବା ସମ୍ଭାବନା ରହିଛି । ସର୍ବଦଳୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସମେତ ଅନ୍ୟମନ୍ତ୍ରୀ ଓ ସାଂସଦମାନେ ଉପସ୍ଥିତ ଥିଲେ । ସେପଟେ ବିଭିନ୍ନ ପ୍ରସଙ୍ଗକୁ ନେଇ ସରକାରଙ୍କୁ ▶▶ପୃଷ୍ଠା ୭

## ବଦଳିବନି 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର'ର ନାଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧/୭ (ନି.ପ୍ର): ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାଁ ପରିବର୍ତ୍ତନ ହେବନି । ଆଜି ଏନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଜୁ ବାବୁଙ୍କ ନାଁରେ ଦୀର୍ଘ ବର୍ଷରୁ କ୍ରୀଡ଼ା ପୁରସ୍କାର ଦିଆଯାଇ ଆସୁଅଛି । ଏହାର ନାମ ପରିବର୍ତ୍ତନ କଥା ମୁଁ ଆଜି ଗଣମାଧ୍ୟମରୁ ଜାଣିବାକୁ ପାଇଲି । କିନ୍ତୁ ଏନେଇ ବିଧିବଦ୍ଧ ଭାବେ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ ଏବଂ ମୋ ପାଖରେ ବି ସେପ୍ରକାରର କୌଣସି ସୂଚନା ନଥିଲା । ମୋ ସରକାର ଓଡ଼ିଶାର ବରପୁତ୍ରମାନଙ୍କୁ ଯଥୋଚିତ ସମ୍ମାନ ଦିଅନ୍ତି । ବିଜୁ ବାବୁ ନିଜ ଦୀର୍ଘ ଦଶନ୍ଧିର ରାଜନୈତିକ ଓ ସାମାଜିକ ଜୀବନରେ କରିଥିବା ଅବଦାନ ଓଡ଼ିଶା ପାଇଁ ତଥା ଭାରତ ବର୍ଷ ପାଇଁ ସ୍ମରଣୀୟ ହୋଇ ରହିବ । ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପୂର୍ବ ପରି ଚାଲୁ ରହିବ । ସେଥିରେ କୌଣସି ପ୍ରକାର ପରିବର୍ତ୍ତନ କରାଯିବାର ଯୋଜନା ନାହିଁ । ଯେମିତି ଆଗରୁ ଚାଲିଥିଲା ସେମିତି ଚାଲିବ । ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାଁ ପରିବର୍ତ୍ତନ କଥା ଉଠିଥିଲା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରୁ । ଏଥିରେ 'ବିଜୁ ପଟ୍ଟନାୟ କ୍ରୀଡ଼ା ପୁରସ୍କାର' ବଦଳରେ 'ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ' ଲେଖାଯାଇଥିଲା । ପୁରସ୍କାରର ନାମ ପରିବର୍ତ୍ତନ ବ୍ୟତୀତ ଏହି ବିଜ୍ଞପ୍ତିରେ ଅନ୍ୟ କୌଣସି ପରିବର୍ତ୍ତନ ଦେଖିବାକୁ ମିଳି ନଥିଲା । ଏହି ପୁରସ୍କାରର ନିୟମାବଳୀରେ ମଧ୍ୟ ବି କୌଣସି ବିଶେଷ ପରିବର୍ତ୍ତନ କରାଯାଇଥିବା ଦେଖିବାକୁ ମିଳି ନଥିଲା ।

## ଘରକୁ ଫେରୁଥିଲେ ୩ ଯୁବକ: ମଝି ରାସ୍ତାରେ ମାଡ଼ିଗଲା ହାଇୱା

ସୁନ୍ଦରଗଡ଼, ୨୧/୭ (ନି.ପ୍ର): କାମ କରି ସନ୍ଧ୍ୟା ବେଳେ ଘରକୁ ଫେରୁଥିଲେ ୩ ଯୁବକ । ହେଲେ ଘରେ ପହଞ୍ଚିବା ପୂର୍ବରୁ ସେମାନଙ୍କ ଉପରେ ଚଢିଗଲା ହାଇୱା । ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଛି । ଆଜି ସନ୍ଧ୍ୟା ବେଳେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ସୁନ୍ଦରଗଡ଼ ଜିଲ୍ଲା ଦେଇ ଯାଇଥିବା ୫୨୦ ନମ୍ବର ଜାତୀୟ ରାଜପଥରେ ଘଟିଛି । କୋଇଡା ଥାନା କାଲଟା ଫାଣ୍ଡି ଅନ୍ତର୍ଗତ ତୋଡା ବସ୍ତିର ଦେବେନ୍ଦ୍ର ଦେହୁରୀ, ଅନାଦି ନାଏକ ଓ ଅନୀଲ ଦେହୁରୀ ଶ୍ରମିକ ଭାବେ କାମ କରନ୍ତି । ସବୁଦିନ ପରି ଆଜି କାମ କରିବା ପାଇଁ ବାଇକ୍‌ରେ ଯାଇଥିଲେ । ସନ୍ଧ୍ୟା ପ୍ରାୟ ୭ଟା ବେଳେ ସେମାନେ ଘରକୁ ଫେରୁଥିଲେ । ତେବେ ୫୨୦ ଜାତୀୟ ରାଜପଥର ବେଞ୍ଜାଡ଼ି ବ୍ରିଜରେ ସମ୍ମୁଖରୁ ଆସୁଥିବା ହାଇୱା ବାଇକ୍‌କୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ବାରମ୍ବାର ସେଠାରେ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ । କିଛି ସମୟ ପାଇଁ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା । ଖବର ପାଇ ଦୁର୍ଘଟଣାସ୍ଥଳରେ ପହଞ୍ଚିଲା ପୁଲିସ୍ । ମୃତଦେହ ଜବତ କରି ବ୍ୟବଚ୍ଛେଦ ▶▶ପୃଷ୍ଠା ୭

## ହାଉସ୍ କମିଟିରେ ସାଂସଦ ଅପରାଜିତା ଷଡ଼ଙ୍ଗୀ

ଭୁବନେଶ୍ୱର, ୨୧/୭ (ନି.ପ୍ର): ହାଉସ୍ କମିଟିରେ ସ୍ଥାନ ପାଇଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ୧୨ ଜଣିଆ ହାଉସ୍ କମିଟିରେ ତାଙ୍କୁ ସ୍ଥାନ ଦେଇଛନ୍ତି ଲୋକସଭା ବାଚସ୍ପତି ଓମ୍ ବିର୍ଲା । ଡ. ମହେଶ ଶର୍ମାଙ୍କ ଅଧ୍ୟକ୍ଷତାରେ ୧୨ ଜଣିଆ ହାଉସ କମିଟି ଗଠିତ ହୋଇଛି । ଏହି କମିଟିରେ କଲ୍ୟାଣ ବାନାର୍ଜୀ, ସୁଧୀର ଗୁପ୍ତା, କୃପାନାଥ ମଲ୍ଲାହ, ଡି. ପୁରନ୍ଦେଶ୍ୱରୀ, ସୁଖଜିନ୍ଦର ସିଂହ ରାନ୍ଧୱା, ଏମ୍‌ଏସ୍ ରେଡ୍ଡୀ, କୋଡିକୁନ୍ନିଲ ସୁରେଶ, ଡକ୍ଟର ଟି ସୁମତି, ଅକ୍ଷୟ ଯାଦବ ଓ ଦୀନେଶ ଚନ୍ଦ୍ର ଯାଦବ ଅଛନ୍ତି । କିଛି ଦିନ ପୂର୍ବରୁ ବାଚସ୍ପତି ଓମ୍ ବିର୍ଲା ବିଜନେସ ଆଡଭାଇଜରୀ କମିଟି ଗଠନ କରିଥିଲେ । ଏଥିରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ କଟକ ସାଂସଦ ଭର୍ତ୍ତୃହରି ମହତାବ ସଦସ୍ୟ ଅଛନ୍ତି ।

## ଆଜିଠୁ ମୋହନ ସରକାରଙ୍କ ପ୍ରଥମ ବଜେଟ୍ ଅଧିବେଶନ



ଭୁବନେଶ୍ୱର, ୨୧/୭ (ନି.ପ୍ର): କାଲିଠୁ ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ । ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ପ୍ରଥମ ଥର ଲାଗି ବସିବାକୁ ଯାଉଥିବା ଏହି ଅଧିବେଶନ ପୂର୍ବରୁ ନବୀନଙ୍କୁ ଭେଟିଲେ ମୋହନ । ବିଧାନସଭା ପରମ୍ପରା ଇତିହାସରେ ପ୍ରଥମ । ଅଧିବେଶନ ପୂର୍ବରୁ ବିରୋଧୀ ଦଳ ନେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ । ସର୍ବଦଳୀୟ ବୈଠକରେ ଯୋଗ ଦେବାକୁ ଆମନ୍ତ୍ରଣ କଲେ । ଅଧିବେଶନର ସମସ୍ତ କାର୍ଯ୍ୟ ଦିବସରେ ଗୃହରେ ଉପସ୍ଥିତି ପାଇଁ ନିବେଦନ ବି କଲେ । ଓଡ଼ିଶାର ବିକାଶ ପାଇଁ ବିରୋଧୀ ଦଳ ନେତା ଭାବେ ନବୀନ ଯେଉଁ ଗଠନମୂଳକ ପ୍ରସ୍ତାବ ଦେବେ ତାକୁ ବିଜେପି ସରକାର ଗ୍ରହଣ କରିବେ ବୋଲି କଥା ଦେଲେ । ଯଦିଓ ବାଚସ୍ପତିଙ୍କ ▶▶ପୃଷ୍ଠା ୭

## ଗାଁରେ ବୁଲୁଛି ବାଘ: ଭୟରେ ଘରୁ ବାହାରୁ ନାହାନ୍ତି ଲୋକ

ନୂଆପଡ଼ା, ୨୧/୭ (ନି.ପ୍ର): ରାତି ହେଲେ ଗାଁରେ ବୁଲୁଛି ବାଘ । ଆଉ ଯାହାକୁ ପାଉଛି ଝାମ୍ପି ନେଉଛି । ଯେଉଁଥିପାଇଁ ଘରୁ ବାହାରିବାକୁ ସାହସ କରିପାରୁ ନାହାନ୍ତି ଲୋକ । ନୂଆପଡ଼ା ଜିଲ୍ଲାରୁ ଆସିଛି ଏପରି ଚିତ୍ର । ବନ କର୍ମଚାରୀଙ୍କ ପାଟ୍ରୋଲିଂ ସତ୍ତ୍ୱେ କଲରାପତରିଆ ବାଘଟି ଜଙ୍ଗଲରୁ ଗାଁକୁ ପଳାଇ ଆସୁଥିବା ଜଣାପଡ଼ିଛି । ଖଡିଆଳ ରେଞ୍ଜର ବୋଡ଼େନ୍ ? ଅଞ୍ଚଳରେ ବାଘ ଆତଙ୍କ ଦେଖାଦେଇଛି । ବାଘଟି ସୁନାବେଡ଼ା ଅଭୟାରଣ୍ୟରୁ ଆସିଥିବା ଅନୁମାନ କରାଯାଉଛି । ଗତ ୪ ତାରିଖରେ ବାଘଟି ଚିକଲଚୁଆଁ ଗାଁକୁ ଆସିଥିଲା । ଆଉ ମନସାଏ ମାଝୀଙ୍କ ବାଛୁରୀକୁ ଶିକାର କରିଥିଲା । ସେହିପରି ୧୪ ତାରିଖରେ କୁସୁମଖୁଣ୍ଟା ଗାଁରେ ଅବିଲ ବଛା ନମକ ଜଣେ ଚାଷୀଙ୍କ ବାଛୁରୀକୁ ବାଘ ମାରି ଖାଇ ଦେଇଥିଲା । ପୁଣି ବୋଡ଼େନ ଦମକଳ କେନ୍ଦ୍ରରେ ଥିବା ଗୋଟିଏ ପୋଷା କୁକୁରକୁ ମଧ୍ୟ ବାଘ ଆକ୍ରମଣ କରି ଗୁରୁତର କରିଦେଇଥିଲା । ବାଘର ଗତିବିଧିକୁ ଦେଖି ଗାଁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି ।

## ଓଡ଼ିଶା ପ୍ରଦେଶ କମିଟିକୁ ଭଙ୍ଗ କଲା ଏଆଇସିସି

### ରାମଚନ୍ଦ୍ର କାଡ଼ାମ କଂଗ୍ରେସ ବିଧାୟକ ଦଳ ନେତା




ଭୁବନେଶ୍ୱର, ୨୧/୭ (ନି.ପ୍ର): ଓଡ଼ିଶା ପ୍ରଦେଶ କମିଟିକୁ ଭଙ୍ଗ କଲା ଇଓଉଉ । କଂଗ୍ରେସ ସଭାପତିଙ୍କ ଅନୁମୋଦନ କ୍ରମେ ସବୁ କମିଟି ଭଙ୍ଗ କରାଯାଇଛି । ପିସିସି ଓ କାର୍ଯ୍ୟକାରୀ କମିଟିକୁ ଭାଙ୍ଗି ଦିଆଯାଇଛି । ପିସିସି ସଭାପତିଙ୍କ ସମେତ ସମସ୍ତ ପଦାଧିକାରୀ ପଦବୀରୁ ହଟିଛନ୍ତି । ଏଥିସହ ଜିଲ୍ଲା, ବ୍ଲକ୍ ଓ ମଣ୍ଡଳସ୍ତରୀୟ କମିଟି ମଧ୍ୟ ଭଙ୍ଗ କରାଯାଇଛି । ନୂଆକମିଟି ଗଠନ ହେବା ଯାଏ ବର୍ତ୍ତମାନର ଜିଲ୍ଲା ସଭାପତି କାମଚଳା ସଭାପତି ଦାୟିତ୍ୱରେ ରହିବେ । ଓଡ଼ିଶା ପ୍ରଦେଶ କମିଟି ଭାଙ୍ଗିବା ପରେ କିଏ ହେବେ ନୂଆ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସ୍ଥାନ ନେବେ କିଏ ? ତେବେ ରେସରେ ରହିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ନେତା ଭକ୍ତ ଚରଣ ଦାସ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ । ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି । କାହା ନାଁରେ ଦଳ ମୋହର ମାରିବ, ତା'ଉପରେ ସମସ୍ତଙ୍କର ନଜର ରହିଛି । ବିଧାନସଭା ନିର୍ବାଚନ ଫଳାଫଳ ଆସିବାର ଦେଢ଼ ମାସ ପରେ ବିଧାୟକ ଦଳ ନେତା ଚୟନ କରିଛି କଂଗ୍ରେସ । ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ ହୋଇଛନ୍ତି କଂଗ୍ରେସ ବିଧାୟକ ଦଳ ନେତା । ସେହିପରି ଅଶୋକ ଦାସ ବିଧାୟକ ଦଳର ଉପନେତା ହୋଇଛନ୍ତି । ବିଧାୟକ ସିଏସ୍ ରାଜନ ଏକ୍କାଙ୍କୁ ମୁଖ୍ୟ ସଚେତକ କରାଯାଇଛି । ଇଓଉଉ ପକ୍ଷରୁ ଆଜି ଏନେଇ ବିଧିବଦ୍ଧ ସୂଚନା ଜାରି କରାଯାଇଛି । ଆସନ୍ତାକାଲିଠାରୁ ରାଜ୍ୟ ବଜେଟ ଅଧିବେଶନ ଆରମ୍ଭ ହେଉଥିବା ବେଳେ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ▶▶ପୃଷ୍ଠା ୭

## ଆଜି ଶ୍ରାବଣର ପ୍ରଥମ ସୋମବାର: କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର, ୨୧/୭ (ନି.ପ୍ର): ରାତି ପାହିଲେ ଶ୍ରାବଣର ପ୍ରଥମ ସୋମବାର । ହର ହର ବମ୍.. ବୋଲ ବମ୍... ଶିବ ଧ୍ୱନୀରେ ପ୍ରକମ୍ପିତ ହେଲାଣି ଗଗନ ପବନ । ପ୍ରଥମ ସୋମବାରରେ ମହାଦେବଙ୍କ ଠାରେ ଜଳ ଲାଗି ପାଇଁ ବାହାରିଛନ୍ତି କାଉଡିଆ । ମହାଦେବଙ୍କ ନିକଟରେ ଜଳାଭିଷେକ ପାଇଁ କଟକ ଗଡଗଡିଆ ପୀଠରୁ କାଉଡିଆ ପାଣି ଉଠାଇ ବିଭିନ୍ନ ଶୈବ ପୀଠକୁ ବାହାରୁଛନ୍ତି । ଶୈବ ପୀଠ ମାନଙ୍କରେ ବୋଲ ବମ୍ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ବେଶ କଡାକଡି ▶▶ପୃଷ୍ଠା ୭

## ଦେଶବ୍ୟାପୀ ହିଂସା ମଧ୍ୟରେ ସଂରକ୍ଷଣ ନିୟମକୁ ରଦ୍ଦ କଲେ ବାଂଲାଦେଶ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୨୧/୭ : ସଂରକ୍ଷଣ ଦାବିରେ ବାଂଲାଦେଶରେ ଲାଗିଥିବା ହିଂସାର ସ୍ଥିତିକୁ ଦେଖିବା ପରେ ବାଂଲାଦେଶ ସୁପ୍ରିମକୋର୍ଟ ସଂରକ୍ଷଣ ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଇଛନ୍ତି । ରବିବାର ଦିନ ବାଂଲାଦେଶ ସର୍ବୋଚ୍ଚ ନ୍ୟାୟାଳୟ ଏହି ନିଷ୍ପତ୍ତି ନେଇଛନ୍ତି । କୋର୍ଟ ତାଙ୍କ ବୟାନରେ କରହିଛନ୍ତି ସଂରକ୍ଷଣ ବିରୋଧରେ ଦେଶରେ ଲାଗିରହିଥିବା ଅଶାନ୍ତି, ଅନେକ ଲୋକଙ୍କ ଜୀବନହାନୀକୁ ନଜରରେ ରଖି କୋର୍ଟ ୯୩ ପ୍ରତିଶତ ସରକାରୀ ଚାକିରୀ ମେଧା ଆଧାରରେ ଦେବାକୁ ଆଦେଶ ଦେଇଛନ୍ତି । ବାକି ୭ ପ୍ରତିଶତ ୧୯୭୧ ମସିହାରେ ବାଂଲାଦେଶ ସ୍ୱତନ୍ତ୍ର ସଂଗ୍ରାମରେ ସହିଦ ହୋଇଥିବା ପରିବାର ଲୋକଙ୍କ ପାଇଁ ଛାଡି ଦିଆଯାଇଛି । ପୂର୍ବରୁ ଏହି ବର୍ଗର ଲୋକଙ୍କ ପାଇଁ ସରକାରୀ ଚାକିରି କ୍ଷେତ୍ରରେ ୩୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିଲା । ସଂରକ୍ଷଣକୁ ନେଇ ବାଂଲାଦେଶରେ ଗୋଟିଏ ସପ୍ତାହ ହେବ ହିଂସା ଲାଗି ରହିଥିଲା । ଏଥିରେ ୧ ଶହରୁ ଅଧିକ ଲୋକଙ୍କ ଜୀବନ ଯାଇଥିବା ବେଳେ ହଜାର ହଜାର ଲୋକ ଆହତ ହୋଇଛନ୍ତି । ଏହାକୁ ନେଇ ବାଂଲାଦେଶ ସରକାର ସାରା ରାଜ୍ୟରେ କର୍ଫ୍ୟୁ ଜାରି କରିଥିଲେ । ଏହି ମାମଲାର ▶▶ପୃଷ୍ଠା ୭

## ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲା : ମାଷ୍ଟରମାଇଣ୍ଡ ସହ ଆଉ ୩ ଜଣ ଗିରଫ


ନୂଆଦିଲ୍ଲୀ, ୨୧/୭ : ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ସିବିଆଇକୁ ବଡ଼ ସଫଳତା । ମାଷ୍ଟରମାଇଣ୍ଡ ସହ ଆଉ ତିନି ଜଣ ଗିରଫ । ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ଡାକ୍ତରୀ ଛାତ୍ର ଥିବା ବେଳେ ଜଣେ ବିଟେକ ଛାତ୍ର ଅଛନ୍ତି । ବିଟେକ ଛାତ୍ର ଘଟଣାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି । ପରୀକ୍ଷା ଦିନ ଅର୍ଥାତ ମେ ୫ ତାରିଖ ସେମାନେ ହଜାରିବାଗ ଅଞ୍ଚଳରେ ଥିବା ଜଣାପଡିଛି । ଏମାନେ ସବୁ ନିଟ୍ ପ୍ରଶ୍ନପତ୍ରର ଉତ୍ତର ପ୍ରସ୍ତୁତ କରିଥିଲେ । ବିଟେକ ଛାତ୍ର ସୁଶୀଲ ପାଶୱାନ ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ପଙ୍କଜଙ୍କୁ ସହାୟତା କରିଥିଲା । ପଙ୍କଜ ହିଁ ହଜାରିବାଗର ଟ୍ରଙ୍କରୁ ପ୍ରଶ୍ନପତ୍ର ଚୋରି କରିଥିଲା ବୋଲି ଜଣାପଡିଛି । ପୂର୍ବରୁ ପଙ୍କଜଙ୍କୁ ଗିରଫ କରାଯାଇଥିବା ବେଳେ ଏହି ତିନି ଜଣଙ୍କୁ ମିଶାଇ ମୋଟ ୧୭ ଜଣଙ୍କୁ ସିବିଆଇ ଗିରଫ କରିଛି । ସେପଟେ ସହର ଓ ସେଣ୍ଟରଧୱାରି ▶▶ପୃଷ୍ଠା ୭

# ମସ୍ତିଷ୍କାଘାତ

**ପୁରୁଷଙ୍କ ତୁଳନାରେ ମହିଳା ଅଧିକ ସଂଖ୍ୟାରେ ବ୍ରେନ ଷ୍ଟ୍ରୋକ ବା ମସ୍ତିଷ୍କାଘାତ ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି। ଜନ୍ମ ନିୟନ୍ତ୍ରଣ ଔଷଧ, ହରମୋନ ଥେରାପି ଏବଂ ଗର୍ଭଧାରଣ ଅବସରରେ ଏହି ରୋଗର ଆଶଙ୍କା ଅଧିକ। ଏହି ରୋଗ ହେଲେ ସିଧାସଳଖ ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିଥାଏ।**





ଏହି ରୋଗରେ ମସ୍ତିଷ୍କ ଆଡ଼କୁ ଯାଇଥିବା ଧମନୀ ଫାଟିଯାଏ। ଫଳରେ ମସ୍ତିଷ୍କକୁ ରକ୍ତଦାହ ଏବଂ ଅମ୍ଳଜାନ ଯୋଗାଣ ବନ୍ଦ ହଠାତ୍ ହୋଇଯାଏ। ଏଠାରେ ଥିବା କୋଶିକା ନଷ୍ଟ ହୋଇଯାଏ। ମସ୍ତିଷ୍କ ଦ୍ୱାରା ନିୟନ୍ତ୍ରିତ ଅଙ୍ଗ ପ୍ରଭାବିତ ହେବା ସାଙ୍ଗକୁ ଦେଖିବା, ସମନ୍ୱୟ ରକ୍ଷା ଏବଂ କଥା କହିବା ଇତ୍ୟାଦିରେ ଅସୁବିଧା ଉପୁଜେ। ୫୫ବର୍ଷ ଟପିଯିବା ପରେ ପ୍ରତିବର୍ଷ ବର୍ଷରେ ଷ୍ଟ୍ରୋକର ଆଶଙ୍କା ଦ୍ୱିଗୁଣିତ ହୋଇଯାଏ। ସେହିପରି ୬୫ବର୍ଷରୁ ଅଧିକ ବୟସର ଲୋକଙ୍କ ଠାରେ ଷ୍ଟ୍ରୋକର ଆଶଙ୍କା ଦୁଇ ତୃତୀୟାଂଶ ହୋଇଥାଏ। ତେବେ କେବଳ ବୃଦ୍ଧାବସ୍ଥାରେ ଯେ ଷ୍ଟ୍ରୋକ ହୁଏ ସେ କଥା ନୁହେଁ। ୩୦/୪୦ ବର୍ଷ ବୟସରେ ମଧ୍ୟ ଷ୍ଟ୍ରୋକ ହୋଇଥାଏ। ବିଭିନ୍ନ ପ୍ରକାର ବ୍ରେନ ଷ୍ଟ୍ରୋକ ରହିଛି। ସେଗୁଡ଼ିକ ହେଲା ଇସ୍କମିକ ଷ୍ଟ୍ରୋକ, ହାମରୋଜିକ ଷ୍ଟ୍ରୋକ, ନୀରବ ଷ୍ଟ୍ରୋକ, ଟ୍ରାନସିଏଣ୍ଟ ଇସ୍କିମିକ ଷ୍ଟ୍ରୋକ ଏବଂ ଆର୍ଟେରୀ ଡିସେକସନ ଇସ୍କମିକ ଷ୍ଟ୍ରୋକ, ମସ୍ତିଷ୍କ କିମ୍ବା ଏହାର ପାଖକୁ ଥିବା ଧମନୀରେ ଅବରୋଧ ଘଟିବା କାରଣରୁ ହୋଇଥାଏ। ଅବରୋଧ ଦୂର କରିବା ଔଷଧ ଦ୍ୱାରା ଏହାର ଚିକିତ୍ସା କରାଯାଇଥାଏ।

ହାମରେଜିକ ଷ୍ଟ୍ରୋକ ରକ୍ତନଳୀ ଫାଟିଯିବା କାରଣରୁ ହୋଇଥାଏ। ଏହାଫଳରେ ମସ୍ତିଷ୍କର ଭିତର ଅଥବା ଆଖପାଖରେ ରକ୍ତସ୍ରାବ ହୁଏ। ଏହି କ୍ଷତିର ଭରଣା ଅସ୍ତ୍ରୋପଚାର ଦ୍ୱାରା କରାଯାଇଥାଏ। ସେହିପରି ନିରବ ଷ୍ଟ୍ରୋକର କୌଣସି ଲକ୍ଷଣ ନାହିଁ। ଏହି ଷ୍ଟ୍ରୋକ ସମ୍ପର୍କରେ ମଧ୍ୟ ହଠାତ୍ କିଛି ଜାଣିହୁଏ ନାହିଁ। ସିଟିସ୍କାନ କିମ୍ବା ଏମଆରଆଇ ଦ୍ୱାରା ଏହାର କ୍ଷତି ସଂପର୍କରେ ଜଣାପଡ଼େ। ଟ୍ରାନସିଏଣ୍ଟ ଇସ୍କମିକ ଷ୍ଟ୍ରୋକ ଟି.ଆଇ.ଏ. ବା ମିନିଷ୍ଟ୍ରୋକ ନାମରେ ପରିଚିତ। ମସ୍ତିଷ୍କକୁ ରକତ ପ୍ରବାହ କମିଗଲେ ଏହି ଷ୍ଟ୍ରୋକ ହୋଇଥାଏ। କିନ୍ତୁ ରକ୍ତନଳୀ ସମ୍ପୂର୍ଣ୍ଣ ବନ୍ଦ ହୁଏନାହିଁ। ଏହି ଷ୍ଟ୍ରୋକ ହାଲକା ହୋଇଥିଲେ ମଧ୍ୟ ମସ୍ତିଷ୍କର କ୍ଷତି ଘଟାଇବାର ଆଶଙ୍କା ଥାଏ ଏବଂ ଏହା ମଧ୍ୟ ବଡ଼ ଷ୍ଟ୍ରୋକର ସୂଚନା ବୋଲି କୁହାଯାଏ। ଥରେ କିମ୍ବା ତା ଠାରୁ ଅଧିକ ଟିଆଇଏ ହେବା ଦ୍ୱାରା ଷ୍ଟ୍ରୋକ ହେବାର ଆଶଙ୍କା ପ୍ରାୟ ଦଶଗୁଣ ବଢ଼ିଯାଏ। ଆର୍ଟେରୀ ଡିସେକସନ ଷ୍ଟ୍ରୋକ ୪୫ ରୁ କମ ବୟସର ଲୋକଙ୍କୁ ହୋଇଥାଏ। ଏହାଦ୍ୱାରା ଗଲାରେ ଧମନୀର ରେଖା ଫାଟିଯାଏ। ଏବଂ ରକ୍ତନଳୀ ବନ୍ଦ ହୋଇଯାଏ। ଏ ପ୍ରକାର ଷ୍ଟ୍ରୋକର କେତେ କାରଣ ରହିଛି।

**ଷ୍ଟ୍ରୋକ୍‌ର ଲକ୍ଷଣ:** କଥା କହିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ସେହିପରି ଝାପସା ଦେଖାଯିବା, ମୁଣ୍ଡ ବୁଲାଇ ହେବା ଅଥବା ପଡ଼ିଯିବା, ବେହୋସ ହେବା ଅଥବା ଜୋରରେ ମୁଣ୍ଡ ବ୍ୟଥା ହୋଇଥାଏ। ଦୁର୍ବଳ ଲାଗିବା ସହ ନିଶ୍ୱାସପ୍ରଶ୍ୱାସରେ ଅସୁବିଧା ଅନୁଭବ କରିବା। ଜୋରରେ ହୃତ୍‌ସ୍ପନ୍ଦ ହେବା।

**ସଚେତନତା:** ଷ୍ଟ୍ରୋକର ବିପଦ କମାଇବା ପାଇଁ ଖଶଦ୍ୟୋପେୟରେ ନିୟନ୍ତ୍ରଣ ରଖିବା ଉଚିତ। କୋଲେଷ୍ଟ୍ରୋଲ ହ୍ରାସ କରିବା, ନିୟମିତ ବ୍ୟାୟାମ, ସନ୍ତୁଳିତ ଆହାର ସେବନ, ଓଜନକୁ ନିଜ ନିୟନ୍ତ୍ରଣରେ ରଖିବା ଉଚିତ। ରକ୍ତଚାପ ପ୍ରତି ଧ୍ୟାନ ଶଖିବା ଜରୁରୀ। ହୃଦରୋଗ ଏବଂ ଷ୍ଟ୍ରୋକ ଉଭୟ ମଧ୍ୟରେ ସମ୍ପର୍କ ରହିଛି। ତେଣୁ ଏଥିଶୁ ଗୋଟିକର ଆଶଙ୍କା ହ୍ରାସ ପାଇଲେ ଅନ୍ୟଟି ସ୍ୱତଃ କମେ।

# ଗାଡ଼ିରେ ଗଲେ ବାନ୍ତି ହେଉଛି କି: ଆପଣାନ୍ତୁ ଏହିସବୁ ଘରୋଇ ଟିପ୍ସ, ଆଉ ହେବନି

ଭ୍ରମଣ ସମୟରେ ଆପଣ ଯଦି ବାନ୍ତି ପରି ସମସ୍ୟା ଭୋଗୁଛନ୍ତି, ତେବେ ଏଠାରେ କିଛି ଟିପ୍ସ ଏବଂ ଘରୋଇ ଉପଚାର ଅଛି, ଯାହାକୁ ଆପଣେଇ ଆପଣ ଏହି ସମସ୍ୟାକୁ ଦୂର କରିପାରିବେ। ଏହି ଟିପ୍ସ ଆପଣଙ୍କ ବାନ୍ତିକୁ ନିୟନ୍ତ୍ରଣ କରିବ ଏବଂ ଆପଣଙ୍କର ଯାତ୍ରା ଉପଭୋଗ କରିବାରେ ସାହାଯ୍ୟ କରିପାରିବ। ବୁଲିଯିବାକୁ କାହାକୁ ବା ଭଲ ନ ଲାଗେ। ଏହା ଏକ ମଜାଦର ସମୟ। କିନ୍ତୁ ଅନେକ ଅଛନ୍ତି ଯେଉଁମାନଙ୍କ ପାଇଁ ଏହା ସେତେ ଉପଭୋଗ୍ୟ ହୋଇ ନଥାଏ। ଭ୍ରମଣ ସମୟରେ ଅନେକ ଲୋକ ନର୍ଭସ ହୋଇଯାଆନ୍ତି, କେହି କେହି ଗାଡିରେ ବାନ୍ତି ମଧ କରନ୍ତି। ଆଉ କିଛିଙ୍କର ମୁଣ୍ଡ ମଧ ବୁଲାଇବା ଆରମ୍ଭ ହୁଏ। ସେ ବିମାନ ହେଉ କି ଟ୍ରେନ୍, କାର୍ କିମ୍ବା ଡଙ୍ଗା ଗତି ମୋସନ ସିକ୍ ?ନେସ୍(ବାନ୍ତି ସମସ୍ୟା) ଯେକୌଣସି ସମୟରେ ବି ହୋଇପାରେ। ଏହା ଭ୍ରମଣକୁ ପୂରା ବେକାର କରିଦିଏ। ଖାଲି ବାନ୍ତି କରୁଥିବା ବ୍ୟକ୍ତି ନୁହେଁ ସାଙ୍ଗରେ ଥିବା ପରିବାର ଲୋକଙ୍କ ପାଇଁ ମଧ ଏହା ବିଗାଡି ଦିଏ। ଯଦି ଭ୍ରମଣ ସମୟରେ ଆପଣ ବି ବାନ୍ତି ପରି ସମସ୍ୟା ଭୋଗୁଛନ୍ତି, ତେବେ ଏଠାରେ କିଛି ଟିପ୍ସ ଏବଂ ଘରୋଇ ଉପଚାର ଅଛି, ଯାହାକୁ ଆପଣେଇ ଆପଣ ଏହି ସମସ୍ୟାକୁ ଦୂର କରିପାରିବେ। ଏହି ଟିପ୍ସ ଆପଣଙ୍କ ବାନ୍ତିକୁ ନିୟନ୍ତ୍ରଣ କରିବ ଏବଂ ଆପଣଙ୍କର ଯାତ୍ରା ଉପଭୋଗ କରିବାରେ ସାହାଯ୍ୟ କରିପାରିବ।



## ଏହି ଟିପ୍ସଗୁଡିକ ଅନୁସରଣ କରନ୍ତୁ:

- ♦ତାଜା ପବନ ଆସିବା ପାଇଁ ଏକ ଗାଡିର ଝରକା ଖୋଲି ରଖନ୍ତୁ କିମ୍ବା ଏକ ଏୟାର ଭେଣ୍ଟ ବ୍ୟବହାର କରନ୍ତୁ। ସତେଜ ବାୟୁ ଗତିର ତୀବ୍ରତାକୁ ହ୍ରାସ କରି ମୁଣ୍ଡ ବୁଲାଇବା ଏବଂ ସ୍ନାୟୁ ଭଳି ସମସ୍ୟାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ।
- ♦ଗାଡି ଭିତରେ ପଢିବା କିମ୍ବା ମୋବାଇଲ୍ ଦେଖିବା ଠାରୁ ଦୂରେଇ ରୁହନ୍ତୁ, କାରଣ ଏହା ମୋସନ୍ ସିକ୍‌ନେସ୍ ରୋଗର ଅନୁଭବକୁ ଆହୁରି ଖରାପ କରିପାରେ। ଏହା ବଦଳରେ ଝରକା ବାହାରେ ଦେଖନ୍ତୁ କିମ୍ବା ଆଖି ବନ୍ଦ କରି ଆରାମ କରନ୍ତୁ।
- ♦ନିୟମିତ ଭାବେ ଢୋକେ ଢୋକେ ପାଣି ପିଅନ୍ତୁ। ଡିହାଇଡ୍ରେସନ୍ ବାନ୍ତି ସମସ୍ୟାକୁ ବଢେଇଦିଏ, ତେଣୁ ହାଇଡ୍ରେଟେଡ୍ ରୁହନ୍ତୁ।
- ♦ଯାତ୍ରା ପୂର୍ବରୁ ଏବଂ ଯାତ୍ରା ସମୟରେ ଅଳ୍ପ ପରିମାଣରେ ଖାଆନ୍ତୁ। ଭାରୀ, ତେଲିଆ କିମ୍ବା ମସଲାଯୁକ୍ତ ଖାଦ୍ୟରୁ ଦୂରେଇ ରୁହନ୍ତୁ ଯାହା ଆପଣଙ୍କ ପେଟକୁ ଖରାପ କରିପାରେ।
- ♦ଅଦା ଏବଂ ପୋଦିନା ପତ୍ର ବିଶେଷ ଭାବରେ ଲାଭଦାୟକ ହୋଇପାରେ। ଏହି ସମୟରେ ଏହାର ସେବନ କରନ୍ତୁ।
- ♦ନିଜ ଧ୍ୟାନକୁ ଭଟକେଇବା ପାଇଁ ସଙ୍ଗୀତ ଶୁଣିବା, କଥାବାର୍ତ୍ତା ହେବା, କିମ୍ବା ଛୋଟମୋଟ ଖେଳ ଖେଳନ୍ତୁ।
- ♦ଆଖି ବନ୍ଦ କରି ଧୀର, ଗଭୀର ନିଶ୍ୱାସ ନିଅନ୍ତୁ
- ♦ଅଦାର ଏକ ଛୋଟ ଖଣ୍ଡ ଚୋବାନ୍ତୁ କିମ୍ବା ଅଦା ଚା' ପିଅନ୍ତୁ। ଯାତ୍ରା ସମୟରେ ଚା' ପାଇଁ ଥର୍ମୋ ବ୍ୟବହାର କରନ୍ତୁ।
- ♦ପୋଦିନା କାଣ୍ଡକୁ ଚୁଚୁମନ୍ତୁ କିମ୍ବା ପୋଦିନା ଚା' ପିଅନ୍ତୁ।
- ♦ଫାଳେ ଲେମ୍ବୁ ଚୋବାନ୍ତୁ କିମ୍ବା ଲେମ୍ବୁ ପାଣି ପିଅନ୍ତୁ।
- ♦ପାଟିରେ ଅଳ୍ପ କିଛି ଲବଙ୍ଗ ରଖି ଧୀରେ ଧୀରେ ଚୋବାନ୍ତୁ।
- ♦ଗୋଟିଏ ଚାମଚ ମଧୁରୀ ଚୋବାନ୍ତୁ। ଏହା ଗ୍ୟାସ ହ୍ରାସ କରିବାରେ ସାହାଯ୍ୟ କରିଥାଏ।
- ♦ଏକ ଚାମଚ ଜୁଆଣୀରେ ଏକ ଚାମଚ କଳା ଲୁଣ ମିଶାଇ ଏହାକୁ ପାଣିରେ ଗିଳି ଦିଅନ୍ତୁ। ଏହା ହଜମ କରିବାରେ ସାହାଯ୍ୟ କରିଥାଏ ଏବଂ ବାନ୍ତି କମ କରିଥାଏ।
- ♦ଗୋଟିଏ ଚାମଚ ଜିରାକୁ ପାଣିରେ ଫୁଟାନ୍ତୁ, ଏହାକୁ ଛାଣି ପିଅନ୍ତୁ।
- ♦ଗୁଜୁରାତି ଚୋବାନ୍ତୁ, ଏହାର ସୁଗନ୍ଧ ଏବଂ ସ୍ୱାଦ ବାନ୍ତି ହ୍ରାସ କରିବାରେ ସାହାଯ୍ୟ କରିଥାଏ।
- ♦କଦଳୀ ଖାଇବା ଦ୍ୱାରା ପେଟ ଥଣ୍ଡା ରହେ ଏବଂ ତତକ୍ଷଣାତ୍ ଶକ୍ତି ଦିଏ।

# ସ୍ୱାସ୍ଥ୍ୟ ପାଇଁ ଜାମୁକୋଳି



ଜାମୁକୋଳ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ଏଥିରେ ଅନେକ ପ୍ରକାର ଔଷଧୀୟ ଗୁଣ ରହିଛି। ବିଶେଷ କରି ମଧୁମେହ ରୋଗୀମାନେ ଜାମୁକୋଳି ଏବଂ ତାର ପତ୍ରକୁ ସେବନ କରିବା ଦ୍ୱାରା ସେମାନଙ୍କର ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରିତ ହୋଇଥାଏ। ଏହା ଖାଦ୍ୟର ଶ୍ୱେତସାରକୁ ଶକ୍ତିରେ ପରିଣତ କରିବାରେ ସହାୟକ ହୋଇଥାଏ। ଯାହାଦ୍ୱାରାକି ରକ୍ତରେ ଶର୍କରାରେ ପରିମାଣ ନିୟନ୍ତ୍ରିତ ରୁହେ। ଜାମୁକୋଳି ମଞ୍ଜିକୁ ମଧ୍ୟ ମଧୁମେହ ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ହଜମ ପ୍ରକ୍ରିୟା ବି ସହାୟକ ହୁଏ। ସେହିପରି ସୌନ୍ଦର୍ଯ୍ୟରକ୍ଷାର ଜାମୁକୋଳିର ଖୁବ ମହତ୍ତ୍ୱ ରହିଛି। ଏହାକୁ ସେବନ କରିବା ଦ୍ୱାରା ମୁଖବ୍ରଣ, ଦାଗ, ଭଙ୍ଗ ପରି ସମସ୍ୟା ଦୂର ହୋଇଥାଏ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ଥିବାର ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ।




# ମଶା ଦାଉରୁ ମୁକ୍ତି ପାଇବାର ଘରୋଇ ଉପାୟ



ମଶା କାମୁଡ଼ାରୁ ରକ୍ଷା ପାଇବା ପାଇଁ ଘରେ ଏବେ ମଶାଧୂପ ବ୍ୟବହାର କରାଯାଉଛି ଯାହାକି ସ୍ୱାସ୍ଥ୍ୟ ପ୍ରତି ହାନିକାରକ। ତେବେ ଘରୋଇ ଉପାୟରେ ମଧ୍ୟ ଏହାର ପ୍ରତିକାର ସମ୍ଭବ...।



- ରସୁଣ ଗନ୍ଧ ମଶା ସହି ପାରିନଥାଏ। ତେଣୁ ରସୁଣ କୋଲା କେତୋଟିର ଚୋପା ଛଡ଼ାଇ ଗୋଟିଏ ପାତ୍ରରେ ପାଣିରେ ପକାଇ ଫୁଟାନ୍ତୁ। ଏହାପରେ ଏହାକୁ ଥଣ୍ଡାପାଣି ସହ ମିଶାଇ ଗୋଟିଏ ବୋତଲରେ ରଖନ୍ତୁ। ଏହି ପାଣିକୁ ଛାତ ଉପର, ଘରର ବିଭିନ୍ନ କୋଣ ଓ ପର୍ଦ୍ଦା, ଏପରିକି ଘରର ଚାରିପଟେ ଛାଟନ୍ତୁ। ଏହାଦ୍ୱାରା ମଶା ଆଖପାଖରେ ପ୍ରବେଶ କରିବେ ନାହିଁ।

- ଘର ମଧ୍ୟରେ ଗୋଟିଏ ପାତ୍ରରେ କର୍ପୂର ଜଳାଇ କବାଟ, ଝରକା ବନ୍ଦ କରି ଦିଅନ୍ତୁ। ୧୫ ମିନିଟ୍ ପରେ କବାଟ, ଝରକା ଖୋଲି ଦିଅନ୍ତୁ। ଦେଖିବେ ମଶା ସହ ଗ୍ୟାସ ମଧ୍ୟ ପଳାଇବ।

- ପୁଦିନା ପାଣି ମଧ୍ୟ ମଶାକୁ ଭଲ ଲାଗେନି। କିଛି ପାଣିନେଇ ପୁଦିନା ପତ୍ରକୁ ସେଥିରେ ରଖି ଫୁଟାନ୍ତୁ। ଏହାପରେ ଏହି ପାଣିକୁ ଘରର ଚାରିକଡ଼େ ଛାଟି ଦିଅନ୍ତୁ। ଦେଖିବେ ମଶା ହେବେ ନାହିଁ।



- ଘର ଚତୁଃପାର୍ଶ୍ୱରେ ତୁଳସୀ ଗଛ ଲଗାଇଲେ ମଶାଙ୍କ ଗହଳ କମିଯାଏ।

- ଗୋଟିଏ ପାତ୍ରରେ ପାଣି ନେଇ ଲୁଣ ଗୋଳାଇ ଛାଟନ୍ତୁ। ଦେଖିବେ ମଶା ଘରକୁ ଆସିବେ ନାହିଁ।



# ପଖାଳ ସହ ଖାଆନ୍ତୁ ସୋରିଷ ମାଛ ଫ୍ରାଏ



ଆବଶ୍ୟକ ସାମଗ୍ରୀ: ମାଛ, ସୋରିଷ, ରସୁଣ, କଞ୍ଚା ଲଙ୍କା, ଜିରା,ଗୋଟା ଧନିଆ, ଦହି, ଲୁଣ, ହଳଦିଗୁଣ୍ଡ, ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରୁ ବଡ଼ ମାଛ କିଣି ଆଣନ୍ତୁ। ପରେ ତାକୁ ଭଲ ଭାବରେ ଧୋଇ ଏକ ପାତ୍ରରେ ରଖନ୍ତୁ। ପରେ ସୋରିଷ ମାଛ ଫ୍ରାଏ ପାଇଁ ମସଲା ପ୍ରସ୍ତୁତ କରନ୍ତୁ। ସୋରିଷ, ରସୁଣ, କଞ୍ଚା ଲଙ୍କା, ଜିରା, ଗୋଟା ଧନିଆ ଏକାଠି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ପରେ ସେଥିରେ ବଟା ମସଲାରେ ଅଳ୍ପ ଦହି ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ସେଥିରେ ସ୍ୱାଦ ଅନୁସାରେ ଲୁଣ, ହଳଦିଗୁଣ୍ଡ ପକାଇ ଭଲ ଭାବରେ ଗୋଳାନ୍ତୁ। ପରେ ଧୋଇ ରଖିଥିବା ମାଛକୁ ମସଲାରେ ପକାଇ ଅଧଘଣ୍ଟା ପାଇଁ ଢାଙ୍କି ରଖନ୍ତୁ । ପରେ ଗ୍ୟାସରେ କରେଇ ବସାଇ ତେଲ ଗରମ କରନ୍ତୁ। ତେଲ ଗରମ ହେବାପରେ ସେଥିରେ ମସଲା ଗୋଳା ମାଛକୁ ପକାଇ ଧିମା ଆଞ୍ଚରେ ଭାଜନ୍ତୁ। ମାଛର ଦୁଇ ପାଖ ଲାଲ ହୋଇଯିବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଆଜି ପଖାଳ ଦିବସରେ ସୋରିଷ ମାଛ ଫ୍ରାଏକୁ ପଖାଳ ସହ ଖାଆନ୍ତୁ।

CMYK

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମାନବବାଦୀ ହେଉ...

ଆମ ଭାରତୀୟ ନ୍ୟାୟିକ ବ୍ୟବସ୍ଥାର ବୈଚିତ୍ର୍ୟ ହେଉଛି – ଲକ୍ଷେ ଦୋଷୀ ପଛେ ଖସି ଯାଆନ୍ତୁ; କିନ୍ତୁ ଜଣେ ନିର୍ଦ୍ଦୋଷ ଦଣ୍ଡ ନପାଉ । ଏହା ଆମ ନ୍ୟାୟିକ ବ୍ୟବସ୍ଥାର ଏକ ଆପ୍ତ କଥନ ଓ ନିର୍ଦ୍ଦୋଷକୁ ସୁରକ୍ଷା ଦେବାର ଏକ ନୈତିକ ଓ ବୈଧାନିକ ପରମ୍ପରା । ବିଚାରରେ ସାକ୍ଷ୍ୟ ପ୍ରମାଣର ଗୁରୁତ୍ୱ ଅଧିକ । ଏହାରି ଆଧାରରେ ଅଭିଯୁକ୍ତମାନେ ଦୋଷୀ/ନିର୍ଦ୍ଦୋଷ ପ୍ରମାଣିତ ହୁଅନ୍ତି । ବିଡ଼ମ୍ବନାର ବିଷୟ ଯେ ସାକ୍ଷ୍ୟ, ପ୍ରମାଣ, ପୁଲିସ୍ ରିପୋର୍ଟ ଓ ଅଭିଯୋଗପତ୍ର ଯଦି ତ୍ରୁଟିପୂର୍ଣ୍ଣ ହେଲା ବା ଅର୍ଥ, ପ୍ରଭାବ ଓ ଅନ୍ୟାନ୍ୟ ବ୍ୟବସ୍ଥା ଦ୍ୱାରା ପ୍ରଭାବିତ ହୋଇ ପାରିଲା, ସେଥିରେ ଦୋଷୀ ଖସିଯିବା ଓ ନିର୍ଦ୍ଦୋଷ ଦଣ୍ଡ ପାଇବା ବିଚିତ୍ର ନୁହେଁ । ନିର୍ଦ୍ଧନ, ନିରପରାଧ ଓ ସାଧାରଣ ମଣିଷଙ୍କୁ ଆଇନର ବ୍ୟବସ୍ଥା ସର୍ବଦା ସୁରକ୍ଷା ଯୋଗାଇ ପାରନ୍ତି ନାହିଁ । କେତେକ କ୍ଷେତ୍ରରେ ଆଇନର ଲମ୍ବାହାତ ପ୍ରକୃତ ଦୋଷୀଙ୍କ ପାଖରେ ପହଞ୍ଚିବାରେ ବିଫଳ ହୁଏ ଏବଂ ପ୍ରଭାବଶାଳୀ, ଧନବାନ ଓ ପାରିବାର ଲୋକେ ପ୍ରମାଣ ଓ ସାକ୍ଷ୍ୟକୁ ନିଜ ସପକ୍ଷରେ ନେଇ ଆଇନଜାଲରେ ଥିବା ଫାଙ୍କ ଦେଇ ଆରାମରେ ଖସି ଯାଆନ୍ତି । ଭାରତରେ ଏଭଳି ଘଟଣା ତ ବିରଳ ନୁହେଁ । ନାଗରିକଙ୍କୁ ଆଇନଗତ ସୁରକ୍ଷା ଓ ଅଧିକାର ଯୋଗାଣର ବ୍ୟବସ୍ଥା ସତ୍ତ୍ୱେ ନିରପରାଧମାନେ ଦଣ୍ଡ ପାଇବା ନିଶ୍ଚିତ ଉଦ୍‌ବେଗଜନକ । ଏ ସମ୍ପର୍କରେ ଏବେ ଏକ ଖବର ସର୍ବଭାରତୀୟ ସ୍ତରରେ ବିଶେଷ ଚର୍ଚ୍ଚିତ ହେଉଛି । ଛତିଶଗଡ଼ର ରାୟପୁର ଜିଲ୍ଲାର ଜଣେ ଗରିବ ଗ୍ରାମବାସୀ କୌଣସି ଅପରାଧ ନ କରି ମଧ୍ୟ ନରହତ୍ୟା ପରି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ୧୧ ବର୍ଷ ଜେଲଦଣ୍ଡ ଭୋଗ କରିବା ପରେ ଶେଷରେ ସର୍ବୋଚ୍ଚ ଅଦାଲତରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ମୁକ୍ତ ହୋଇଛନ୍ତି । ୨୦୧୩ ମାର୍ଚ୍ଚ ୨ ତାରିଖରେ ରତନୁ ଯାଦବ ନାମକ ଏହି ବ୍ୟକ୍ତି ନିଜର ସାବତ ମାଆକୁ ପାଣିରେ ବୁଡ଼ାଇ ହତ୍ୟା କରିଥିବା ଅଭିଯୋଗରେ ଗିରଫ ହୋଇଥିଲା । ନିମ୍ନ ଅଦାଲତ (ଫାଷ୍ଟଟ୍ରାକ୍ କୋର୍ଟ) ମାମଲାର ବିଚାର କରି ଅଭିଯୁକ୍ତକୁ ପ୍ରାୟ ଚାରିମାସ ମଧ୍ୟରେ (୨୦୧୩ ଜୁଲାଇ ୯ରେ) ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଅଭିଯୁକ୍ତ ଏହି ରାୟ ବିରୋଧରେ ବିଳାସପୁରସ୍ଥିତ ଛତିଶଗଡ଼ ହାଇକୋର୍ଟରେ ଅପିଲ କରିଥିଲେ ଏବଂ ଉଚ୍ଚ ଅଦାଲତ ୨୦୧୮ ଏପ୍ରିଲ ୭ ତାରିଖରେ ତଳକୋର୍ଟଙ୍କ ରାୟକୁ କାଏମ ରଖିଥିଲେ । ତେଣୁ ବିଚରା ଅଭିଯୁକ୍ତ ଜେଲଦଣ୍ଡ ଭୋଗିଲା । ସୁପ୍ରିମକୋର୍ଟରେ ମାମଲା ଲଢ଼ିବାକୁ ଏହି ବ୍ୟକ୍ତିଙ୍କର ଅର୍ଥ ନଥିଲା ଏବଂ ତାଙ୍କ ପାଇଁ କୌଣସି ଓକିଲ ମଧ୍ୟ ସର୍ବୋଚ୍ଚ ଅଦାଲତରେ ମାମଲା ଲଢ଼ିବାକୁ ମିଳିନଥିଲେ । ତେବେ ସର୍ବୋଚ୍ଚ ଅଦାଲତ ତଳ କୋର୍ଟର ବିଚାରର କିମ୍ବା ନ୍ୟାୟିକ ସଂବେଦନଶୀଳତା କାରଣରୁ ଏହି ମାମଲାଟିକୁ ତନଖି କରିବା ପାଇଁ ଜଣେ ଓକିଲଙ୍କୁ କୋର୍ଟମିତ୍ର (ଆମିକସ୍ କ୍ୟୁରି) ଭାବେ ନିଯୁକ୍ତି ଦେବା ପରେ ଘଟଣାର ନୂଆ ଦିଗ ଉନ୍ମୋଚିତ ହୋଇଥିଲା । ସମ୍ପୃକ୍ତ ମହିଳା ପାଣିରେ ବୁଡ଼ି ମରିଥିବା କଥା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣା ପଡୁଥିଲେ ମଧ୍ୟ ତାଙ୍କୁ ଜବରଦସ୍ତ କିଏ ପାଣିରେ ବୁଡ଼ାଇ ମାରିଥିବାର ପ୍ରମାଣ ବ୍ୟବଚ୍ଛେଦ ରିପୋର୍ଟରେ ନଥିଲା । ପୂର୍ବରୁ ଯେଉଁ ଦୁଇଜଣ ସାକ୍ଷୀ ରତନୁ ଯାଦବ ସାବତ ମାଆକୁ ବୁଡ଼ାଇ ମାରିଥିଲା ବୋଲି କହିଥିଲେ, ସେ ଦୁଇଜଣ କୋର୍ଟମିତ୍ରଙ୍କ ପାଖରେ ତାଙ୍କ ମତ ବଦଳାଇ ଥିଲେ । ଆହୁରି ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୁଲିସ୍ ନ୍ୟାୟିକ ବ୍ୟବସ୍ଥା ବହିର୍ଭୂତ ଉପାୟରେ ହତ୍ୟାକାଣ୍ଡ ଭିଆଇଥିବା ସ୍ୱୀକାରୋକ୍ତି ତା'ଠାରୁ ଆଦାୟ କରିଥିବା ଜଣାପଡ଼ିଥିଲା । କାରଣ ସାକ୍ଷୀ ଦୁଇଜଣ କହିଥିଲେ ଯେ ସେମାନେ ଏହି ହତ୍ୟାକାଣ୍ଡ ସ୍ୱଚକ୍ଷୁରେ ଦେଖି ନାହାନ୍ତି । ରତନୁ ଯାଦବ ତା' ସାବତ ମା'କୁ ପାଣିରେ ବୁଡ଼ାଇ ହତ୍ୟା କରିଥିବା କଥା ସେ ଦୁଇଜଣଙ୍କୁ କହିଥିଲା । ଏହି ଦୁଇଜଣ ଲୋକ କଥିତ ହତ୍ୟାକାରୀର ଜଣାଶୁଣା ବା ଅତି ପାଖଲୋକ ନଥିଲେ । ଏହାସତ୍ତ୍ୱେ ସେମାନଙ୍କ ଆଗରେ ସେ ହତ୍ୟା କରିଥିବା କଥା କାହିଁକି ସ୍ୱୀକାର କରିବ ତାହା ଥିଲା ଆଇନର ଏକ ଗଣ୍ଠି । କାରଣ ମଣିଷର ସ୍ୱାଭାବିକ ବ୍ୟବହାର ହେଲା ସେ ଯଦି କିଛି ଭୁଲ ଭଟକା କରିଥାଏ, ତାହା ନିକଟତମ ବ୍ୟକ୍ତି ବା ବିଶ୍ୱାସଭାଜନଙ୍କ ପାଖରେ ସ୍ୱୀକାର କରେ, ଅଜଣା ଲୋକଙ୍କ ପାଖରେ କହେ ନାହିଁ । ସୁପ୍ରିମକୋର୍ଟର ଦୁଇ ବିଚାରପତି ଏ ଏସ୍ ଓକା ଓ ରାଜେଶ ବିନ୍ଦଲ ସାକ୍ଷ୍ୟ ପ୍ରମାଣର ସତ୍ୟତାକୁ ସନ୍ଦେହ କରି ଘଟଣାର ରହସ୍ୟ ଉନ୍ମୋଚନରେ ସଫଳ ହେଲେ ଓ ସମ୍ପୃକ୍ତ ଆସାମୀକୁ ନିର୍ଦ୍ଦୋଷରେ ଖଲାସ କଲେ । ଏ କ୍ଷେତ୍ରରେ ସର୍ବୋଚ୍ଚ ଅଦାଲତଙ୍କ ଭୂମିକା ଓ ପଦକ୍ଷେପ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଆମ ବିଚାର ବ୍ୟବସ୍ଥା କେତେ ମନ୍ଥର ଓ ପୁଲିସର ତଦନ୍ତ କେତେ ଉପରଠାଉରିଆ ତାହା ଜଳଜଳ ଦିଶୁଛି । ଏହି ମାମଲାର ବିଚାର ତୁରନ୍ତ ଫାଷ୍ଟଟ୍ରାକ୍ କୋର୍ଟରେ କରାଯିବା ବେଳେ 'ନ୍ୟାୟ ଓ ନିରପେକ୍ଷତାକୁ ତ୍ୱରିତ ହତ୍ୟା' କରାଯାଇଥିବା ମତ ପ୍ରକାଶ ପାଇଛି । ଅନୁସନ୍ଧାନକାରୀ ପୁଲିସ୍ ଚୂଡ଼ାନ୍ତ ଅଭିଯୋଗପତ୍ର ଦାଖଲରେ ନିର୍ଦ୍ଦୋଷକୁ ଦୋଷୀ ସାବ୍ୟସ୍ତ କରିପାରୁଛି ଏବଂ ଏଥିପାଇଁ ମନଗଢ଼ା ସାକ୍ଷ୍ୟ ପ୍ରମାଣ ଯୋଗାଡ଼ କରି ଦାୟିତ୍ୱ ସାରୁଛି । ସେହିଭଳି ଏକ ତଳକୋର୍ଟର ରାୟକୁ ବିଚାର କରିବାକୁ ଛତିଶଗଡ଼ ହାଇକୋର୍ଟ ପାଞ୍ଚବର୍ଷ ସମୟ ନେଇ ଶେଷରେ ତାହାକୁ କାଏମ ରଖିଛନ୍ତି ଓ ନିର୍ଦ୍ଦୋଷ ମୁଦାଲା ଜେଲ୍‌ରେ ଶଢ଼ିଛି । ଏଥିରେ ଉଚ୍ଚ ନ୍ୟାୟାଳୟ ଉପଯୁକ୍ତ ଅଭିନିବେଶ କରିନାହାନ୍ତି । ଶେଷରେ ସର୍ବୋଚ୍ଚ ଅଦାଲତରେ ମାମଲା ଛ'ବର୍ଷ ଧରି ବିଚାରାଧୀନ ରହିବା ପରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛି । ଏହା ଆମ ଦେଶର ଫୌଜଦାରୀ ବା ଆପରାଧିକ ନ୍ୟାୟ ବ୍ୟବସ୍ଥାର କଚ୍ଛପ ଗତିର ଏକ ସ୍ୱତନ୍ତ୍ର ଉଦାହରଣ ।



# ପୃଥିବୀ ପୃଷ୍ଠରେ ସୌଖିନ ବସ୍ତ୍ରର କୁପ୍ରଭାବ

**ବିଷ୍ଣୁ ପ୍ରସାଦ ଦାସ**

ମନୁଷ୍ୟ ପୃଥିବୀର ଶ୍ରେଷ୍ଠ ପ୍ରାଣୀ, ମନୁଷ୍ୟ ଆଜି ନିଜ ବୁଦ୍ଧି ବଳରେ ସବୁକିଛି କରିପାରୁଛି । ମନୁଷ୍ୟ ଜୀବନ ଧାରଣ କରିବା ପାଇଁ ସର୍ବ ନିମ୍ନ ତିନୋଟି ଜିନିଷ ଦରକାର ତାହା ହେଲା ଖାଦ୍ୟ, ବସ୍ତ୍ର ଏବଂ ବାସସ୍ଥାନ ଏହାଛଡା ଉତ୍ତମ ପରିବେଶ, ଶ୍ୱାସ ପ୍ରଶ୍ୱାସ ନିମନ୍ତେ ନିର୍ମଳ ବାୟୁ, ବିଶୁଦ୍ଧ ପାନୀୟ ଜଳର ମଧ୍ୟ ଆବଶ୍ୟକତା ରହିଅଛି । ଏହିସବୁ ଜିନିଷ ପ୍ରାପ୍ତି ପରେ ମଧ୍ୟ ମନୁଷ୍ୟର ଚାହିଦା ଦିନକୁ ଦିନ ବଢି ଯାଉଛି ଯାହାର କି କୌଣସି ସୀମା ନାହିଁ, ଆକାଶ ଛୁଇଁ ପାରୁଥିବା ଅସୀମ ଆଶା, ଏବଂ ଇପ୍ସିତ ବସ୍ତୁର ପ୍ରାପ୍ତି ରେ କ୍ଷଣସ୍ଥାୟୀ ଆନନ୍ଦ ସହିତ ନ'ପାଇବାର କ୍ଷୋଭ ସମୟ ସମୟରେ କିଛି ବ୍ୟକ୍ତିଙ୍କ ଠାରେ ଘାତକ ସାଜି ବାର ମଧ୍ୟ ନଜିର ଅଛି । ନିଜର ଧନ ସମ୍ପତ୍ତି, ପ୍ରତିପତ୍ତି, ଅହଂକାର, ଗର୍ବ, ମିଥ୍ୟା ଆଭିଜାତ୍ୟ ପାଇଁ ପ୍ରତ୍ୟକ୍ଷ ରେ ନହେଲେ ମଧ୍ୟ ପରୋକ୍ଷ ରେ ଆମେ ସମାଜର କ୍ଷତି ସହିତ ଦେଶର କ୍ଷତି କରି ଚାଲିଛୁ । ବଙ୍ଗଳା ଦେଶର ଫ୍ୟାସନ ଇଣ୍ଡଷ୍ଟ୍ରି ବିଷୟ ରେ ପ୍ରାୟ ସମସ୍ତେ ଅଳ୍ପ ବହୁତ ଜ୍ଞାତ । ଉକ୍ତ ବିଷୟକୁ ପ୍ରାଞ୍ଜଳ ଭାବେ ଅନ୍ୟ ଏକ ସନ୍ଦର୍ଭ ରେ ଆଲୋକ ପାତ କରିଥିଲି, ବର୍ତ୍ତମାନ୍ 'ହାଓ ଫ୍ୟାସନ ଇଣ୍ଡଷ୍ଟ୍ରି କିଲିଂ ଦି ୱାର୍ଲଡ' ବିଷୟରେ ବିଭିନ୍ନ ସ୍ଥାନରୁ ସଂଗୃହିତ ତଥ୍ୟରୁ ଆଧୁନିକ ବସ୍ତ୍ର କିପରି ଆମ ପାଇଁ ତଥା ପୃଥିବୀ ପାଇଁ ଘାତକ ସାଜିଛି ତାହା ଉପରେ କିଛି ଆଲୋଚନା କରିବା । ଦକ୍ଷିଣ ଆମେରିକା ମହାଦେଶର 'ଚିଲି' ଏକ ଦେଶ ଯାହାର ରାଜଧାନୀ ସାଣ୍ଟିଆଗୋ । ଏହି ଦେଶର ବଡ଼ ମରୁଭୂମି ର ନାମ ଆଟାକାମା ଏହା ୧,୦୫,୦୦୦ (ଏକ ଲକ୍ଷ ପାଞ୍ଚ ହଜାର) ବର୍ଗ କିଲୋମିଟର ଅଞ୍ଚଳ ରେ ପରିବ୍ୟାପ୍ତ, ଏଠାରେ ପ୍ରତିବର୍ଷ ଏତେ ସଂଖ୍ୟାରେ ଅବ୍ୟବହୃତ ବସ୍ତ୍ର ଫିଙ୍ଗା ଯାଇଥାଏ ଯେ, ଦୂରରୁ ସେଗୁଡିକ ରଙ୍ଗ ବେରଙ୍ଗର ପାହାଡ଼ ପରି ପ୍ରତୀୟମାନ ହୁଏ । ଆକଳନରୁ ଜଣାପଡେ ଯେ, ସେଠାରେ ପ୍ରାୟ ୬୦ ହଜାର ମେଟ୍ରିକ ଟନ୍ ଓଜନର ବସ୍ତ୍ର ଜମା ହୋଇ ରହିଛି, ଉପଗ୍ରହ ଚିତ୍ରରୁ ମଧ୍ୟ ସେଗୁଡିକ ସ୍ପଷ୍ଟ ଜଣା ପଡିଥାଏ, ଠିକ୍ ସେହିପରି ଉପଗ୍ରହ ରୁ ଜାଣି ହେଉଥିବା ଆଉ ଏକ ଚିତ୍ର ଆଫ୍ରିକା ମହାଦେଶର ପୂର୍ବରେ ଅବସ୍ଥିତ କେନିଆ ଦେଶରେ ଦେଖିବାକୁ ମିଳେ । ତେବେ କଥା ହେଉଛି ଏହି ପୋଷାକ ପତ୍ର କାହିଁକି ଏପରି ଭାବେ ଫିଙ୍ଗି ଦିଆ ଯାଇଛି ? ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ଫିଙ୍ଗା ଯାଇଥିବା ବସ୍ତ୍ର ଗୁଡିକ ପୁରୁଣା କିମ୍ବା ଚିରା ଫଟା ନୁହେଁ, ସେଗୁଡିକ ସବୁ ଅରଖ ନୂଆ ପୋଷାକ, କଥାଟା ଶୁଣି ହୁଏତ ଅନେକେ ଆଶ୍ଚର୍ଯ୍ୟ ହେଉଥିବେ କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ । ଆଧୁନିକ ଫ୍ୟାସନ୍ ବସ୍ତ୍ର ଗୁଡିକ ନିର୍ଧାରିତ ସମୟ ମଧ୍ୟରେ ବିକ୍ରି ହୋଇ ନ ପାରିବା ହେତୁ ଉତ୍ପାଦନ କାରୀ ସଂସ୍ଥା ସେଗୁଡିକୁ ବିଭିନ୍ନ ବିକ୍ରି ସ୍ଥାନରୁ ଫେରସ୍ତ ନେଇ ଆସନ୍ତି ଏବଂ ସେଗୁଡିକୁ ଡମ୍ପିଂ ୟାର୍ଡ଼ ରେ ଫିଙ୍ଗି ଦିଅନ୍ତି । ଏହାର କାରଣ ବଡ଼ ବିଚିତ୍ର ଏବଂ ଚିନ୍ତା ଜନକ ବିଷୟ ଯାହାକି ଅଧିକାଂଶ ବ୍ୟକ୍ତି ବିଶେଷ ଜାଣି ନାହାନ୍ତି । ମନରେ ପ୍ରଶ୍ନ ଉଠୁଛି ପୃଥିବୀରେ ଅନେକ ଗରିବ ଅଛନ୍ତି ଯେଉଁମାନେ କି ଛିଣ୍ଡା ଫଟା ପୋଷାକ ପିନ୍ଧି ଜୀବନ ବିତାଉଛନ୍ତି ସେମାନଙ୍କୁ ଏହି ପୋଷାକ ସବୁ ଦାନ ଆକାରରେ ନ'ଦେଇ ଡମ୍ପିଂ ୟାର୍ଡ଼ରେ କାହିଁକି ନଷ୍ଟ କରି ଦିଆ ଯାଉଛି ? ପିଲାଦିନେ ଶୁଣିଥିଲି ଯୁକ୍ତରାଷ୍ଟ୍ର ଆମେରିକାରେ ଆମଦାନୀ ହେଉଥିବା ଗହମ ଯଦି ନିଜ ଚାହିଦାଠାରୁ ଅଧିକ ଉତ୍ପାଦନ ହେଉଥିଲା ତେବେ ସରକାର ସେସବୁ ଗହମକୁ ସମୁଦ୍ରରେ ପକାଇ ଦେଉଥିଲେ କିନ୍ତୁ କୌଣସି ଗରିବ ରାଷ୍ଟ୍ରକୁ ମାଗଣାରେ ଦେଉ ନଥିଲେ ଠିକ୍ ସେହି ପରି କିଛିଟା ବସ୍ତ୍ର ଶିଳ୍ପ କ୍ଷେତ୍ରରେ ହୋଇଛି । ଚାହିଦାଠାରୁ ଉତ୍ପାଦନ ବଢିଲେ ନିଶ୍ଚିତ ଭାବେ ଉତ୍ପାଦିତ ଦ୍ରବ୍ୟର ବିକ୍ରି ମୂଲ୍ୟ କମିବ ଠିକ୍ ଓଲଟା ଉତ୍ପାଦନଠାରୁ ଚାହିଦା ବଢିଲେ ଦର ବଢ଼ି ଯିବ । ବସ୍ତ୍ର ଉତ୍ପାଦନ କ୍ଷେତ୍ରରେ ନୂତନ ସୌଖିନ ବସ୍ତ୍ର ଗୁଡିକ ପୃଥିବୀର ଖୁବ୍ ନାମୀ ଦାମୀ ବ୍ରାଣ୍ଡେଡ୍ କମ୍ପାନୀ ମାନେ ପରସ୍ପର ସହିତ ପ୍ରତିଯୋଗିତା କରି ବଜାରକୁ ନିଜର ଆଧୁନିକ ବସ୍ତ୍ର ଗୁଡିକ ଛାଡ଼ି ଥା'ନ୍ତି ଏହାକୁ ଫାଷ୍ଟ ଫ୍ୟାସନ୍ କୁହାଯାଏ । ତେବେ ଏହି ଫାଷ୍ଟ ଫ୍ୟାସନ୍ କଣ ? ଯାହା ଖୁବ୍ ଶୀଘ୍ର ବଜାରକୁ ଆସେ ଏବଂ ଖୁବ୍ ଶୀଘ୍ର ବଜାରରୁ ଉଭେଇ ଯାଏ, ଇଉଜ୍ ଆଣ୍ଡ ଥ୍ରୋ ଜାତୀୟ । ବର୍ତ୍ତମାନ (୨୦୨୦ ମସିହା ସୁଦ୍ଧା) ପୃଥିବୀରେ ୨.୫ ଟ୍ରିଲିଆନ୍ ଆମେରିକୀୟ ଡ଼ଲାର ମୂଲ୍ୟର ବସ୍ତ୍ର ବ୍ୟବସାୟ ହୋଇଛି, ତେବେ ୨.୫ ଟ୍ରିଲିଆନ୍ ଆମେରିକୀୟ ଡ଼ଲାର କହିଲେ ଭାରତୀୟ ଟଙ୍କାରେ ଧରି ନିଅନ୍ତୁ ୨୦,୮୭,୩୮,୧୨,୫୦,୦୦,୦୦୦ ଟଙ୍କା । ଏହାର ଇତିହାସ ଯଦି ଖୋଜିବା ତେବେ ଫ୍ୟାସନ୍ ଇଣ୍ଡଷ୍ଟ୍ରିଜ୍ ୧୯୦୦ ମସିହା ରେ ୧୦୦ ବିଲିୟନ୍ ଡ଼ଲାର ମୂଲ୍ୟର ବ୍ୟବସାୟ ରେ ସୀମିତ ଥିବା ସମୟରେ ୧୯୫୦ ମସିହାରେ ୨୫୦ ବିଲିୟନ୍ ଡ଼ଲାର ମୂଲ୍ୟର ୨୦୦୦ ମସିହାରେ ୧ ଟ୍ରିଲିୟନ୍ ଡ଼ଲାର, ୨୦୧୦ ମସିହାରେ ୧.୫ ଟ୍ରିଲିୟନ୍ ଡ଼ଲାର, ୨୦୨୦ ମସିହାରେ ୨.୫ ଟ୍ରିଲିଆନ୍ ଡ଼ଲାର ମୂଲ୍ୟର ବ୍ୟବସାୟ କରିଛି ଏବଂ ଆଶା କରା ଯାଉଛି କି ୨୦୨୫ ମସିହା ବେଳକୁ ଏହି ବ୍ୟବସାୟ ୩.୩ ଟ୍ରିଲିୟନ୍ ଡ଼ଲାର ମୂଲ୍ୟରେ ପହଞ୍ଚି ଯାଇ ଥିବ । ଏଥିରୁ ଅନୁମାନ କରାଯାଏ ଯେ ୨୦୦୦ ମସିହାରୁ ୨୦୨୫ ଭିତରେ ଏହି ବ୍ୟବସାୟ ପ୍ରାୟ ୨୨୦ ରୁ ୨୩୦ ପ୍ରତିଶତ ବଢି ଯାଇଥିବା । ତେବେ ଏହି ଚାହିଦା ବଢିବା ନିମନ୍ତେ ଅନ୍ତଃରାଷ୍ଟ୍ରୀୟ ନାମୀ ଦାମୀ ନିର୍ମାତା ମାନଙ୍କର ଅକ୍ଳାନ୍ତ ପରିଶ୍ରମ, ବହୁଳ ବିଜ୍ଞାପନ, ବିଭିନ୍ନ ଡିଜାଇନର୍ ମାନଙ୍କ ନୂତନ ଡିଜାଇନ୍ ର ଫ୍ୟାସନ୍ ଶୋ, ନାମୀ ଦାମୀ ମଡେଲ୍ ମାନଙ୍କୁ ନେଇ ନିଜ ଉତ୍ପାଦିତ ସାମଗ୍ରୀ ର ପ୍ରଚାର ପ୍ରସାର କ୍ୟାଟ୍ ୱାକ୍(Cat Walk) ବର୍ଷ ସାରା କେଉଁଠି ନା କେଉଁଠି ଚାଲି ଥାଏ, ଯାହାକି ବ୍ୟବସାୟ ବଢାଇବାର ଏକ ମାଧ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଗରୁ ଅର୍ଥାତ ୧୯୮୦ ମସିହା ପର୍ଯ୍ୟନ୍ତ ବସନ୍ତ, ଗ୍ରୀଷ୍ମ, ଶରତ ଏବଂ ଶୀତ ଋତୁ ପାଇଁ ଅଲଗା ଅଲଗା ଡିଜାଇନ୍‌ର ପୋଷାକ ଲୋକଙ୍କ ଚାହିଦାକୁ ନେଇ ପ୍ରସ୍ତୁତି ତଥା ବିକ୍ରି ହେଉ ଥିଲା କିନ୍ତୁ ସମୟ ବଦଳିବା ସହିତ କ୍ରେତା ମାନଙ୍କର ଆଗ୍ରହକୁ ଦେଖି ପୋଷାକ ନିର୍ମାତା ମାନେ ନିଜର ଦୂରଦୃଷ୍ଟି ଖଟାଇ ୧୯୯୦ ମସିହା ବେଳକୁ ପ୍ରାୟ ତିନି ମାସକୁ ଥରେ ନୂତନ ଷ୍ଟକ, ନୂତନ ଡିଜାଇନ୍‌କୁ ଧରି ବଜାର ପ୍ରବେଶ କରୁଥିଲା ଏବଂ ଲୋକଙ୍କର ଆଗ୍ରହ ମଧ୍ୟ ନୂତନ ଜିନିଷ ପ୍ରତି ବଢି ବଢି ଯାଉଥିଲା । କଥାରେ ଅଛି ଲୋଭରୁ ପାପ ଏବଂ ପାପରୁ ମୃତ୍ୟୁ ଏହି ଉଦାହରଣର ତାତ୍ପର୍ଯ୍ୟ ହେଲା ଯେ, ଉତ୍ପାଦନ କାରୀ ମାନେ ତିନିମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଆଉ ପସନ୍ଦ କରିଲେ ନାହିଁ, ସେମାନେ ପ୍ରତି ମାସରେ କିଛି ନା କିଛି ନୂତନ ଡିଜାଇନ୍‌ର ପୋଷାକ ପ୍ରତିଯୋଗିତା ମୂଳକ ଭାବେ ବଜାରକୁ ପ୍ରବେଶ କରାଇଲେ । ଏଠାରେ ଅର୍ଥ ନୀତି କହୁଛି ଚାହିଦା ଆଧାରରେ ଉତ୍ପାଦନକୁ ତ୍ୱରାନ୍ୱିତ କିମ୍ବା ମନ୍ଥର କରିବାକୁ ଉତ୍ପାଦକ ମାନଙ୍କୁ ସଙ୍କେତ ଦେବାରେ ମୂଲ୍ୟ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ, ଉଚ୍ଚ ମୂଲ୍ୟ ଉଚ୍ଚ ଚାହିଦା ସୂଚାଉ ଥିବା ବେଳେ କମ୍ ମୂଲ୍ୟ କମ୍ ଚାହିଦା ସୂଚାଇ ଥାଏ, ସମୟ ସମୟରେ ଏହାର ଓଲଟା ପ୍ରଭାବ ମଧ୍ୟ ପଡିଥାଏ । ତଥାପି, ମୂଲ୍ୟ ଏବଂ ଉତ୍ପାଦନ ମଧ୍ୟରେ ସମ୍ପର୍କ ସର୍ବଦା ସରଳ ନୁହେଁ । ତେଣୁ ଏହି ସବୁ ବିଷୟ ପ୍ରତି ଦୃଷ୍ଟି ଦେଇ ଉତ୍ପାଦକ ମାନେ ଆଗକୁ ବଢିବା ଉଚିତ । ତାହା ଛଡା କ୍ରେତାଙ୍କ କ୍ରୟ ଶକ୍ତି କେତେ ? ବଜାର ଚାହିଦା କେତେ ? କଞ୍ଚାମାଲ କ୍ରୟ ମୂଲ୍ୟ କେତେ ? ଉତ୍ପାଦନ ଖର୍ଚ୍ଚ କେତେ ? ବିଜ୍ଞାପନ ବାବଦକୁ ଖର୍ଚ୍ଚ କେତେ ? ପରିବହନ ଖର୍ଚ୍ଚ କେତେ ? କମିଶନ୍ ବା ଦଲାଲି ଖର୍ଚ୍ଚ କେତେ ? ଖୁଚୁରା ବ୍ୟବସାୟୀଙ୍କ ପାଇଁ ଲାଭ କେତେ ? ସରକାରୀ ଟିକସ କେତେ ? ଇତ୍ୟାଦିକୁ ନଜରରେ ରଖି ଉତ୍ପାଦନ କାରୀ ଖୁବ ଦକ୍ଷ କଷ୍ଟ ଆକାଉଣ୍ଟାଣ୍ଟ ମାନଙ୍କ ଦ୍ୱାରା ବିକ୍ରୟ ମୂଲ୍ୟ ନିର୍ଧାରଣ କରିଥାନ୍ତି । ଅତ୍ୟଧିକ ଲାଭ ଆଶା ରଖି ବଜାରକୁ ଅକ୍ତିଆର କରିବାକୁ ଚାହୁଁଥିବା ଉତ୍ପାଦକ ଯେତେ ଭଲ ବ୍ରାଣ୍ଡର ବସ୍ତ୍ର ହେଲେ ମଧ୍ୟ ଉତ୍ପାଦନର ୭୦ ପ୍ରତିଶତ ବିକ୍ରି କରିବାକୁ ନାକେଦମ୍ ହୋଇ ଯା'ନ୍ତି । ନୂତନ ଷ୍ଟକ ବଜାରକୁ ପ୍ରବେଶ କରିବା ପୂର୍ବରୁ ପୁରାତନ ଷ୍ଟକ (ଯାହାକି ଗତ ମାସର ଷ୍ଟକ) ବାହାରି ଯାଏ ଏବଂ ଶେଷରେ ଡମ୍ପିଂ ୟାର୍ଡ଼କୁ ଚାଲିଯାଏ । ପୃଥିବୀ ପୃଷ୍ଠରେ ଏହା ର କୁ ପ୍ରଭାବ କିପରି ପଡେ ? ଏହି ବିଷୟ ଜାଣିବାକୁ ହେଲେ ଆମେ ବସ୍ତ୍ର ଉତ୍ପାଦନ ପାଇଁ ବ୍ୟବହୃତ ହେଉଥିବା କଞ୍ଚାମାଲ ବିଷୟରେ କିଛି ଜାଣିବା । ବସ୍ତ୍ର ଶିଳ୍ପ ପାଇଁ ସାଧାରଣତଃ କପା, ପଶମ, ରେଶମ, ନାଇଲନ୍, ଫ୍ଲେକ୍ସ, ପଲିଷ୍ଟାର ଇତ୍ୟାଦି କଞ୍ଚା ମାଲ୍ ର ଆବଶ୍ୟକତା ଥାଏ, ଏହାଛଡା ଅନେକ ପ୍ରକାର ରଙ୍ଗ, ରାସାୟନିକ ପଦାର୍ଥ, ବ୍ଲିଚିଙ୍ଗ ବ୍ୟବହାର ହୋଇ କପଡା ତିଆରି ହୁଏ । ଏହା ପରେ ସେହି କପଡ଼ାକୁ ବିଭିନ୍ନ ରୂପ ଦେଇ ଆଧୁନିକ ବସ୍ତ୍ର ତିଆରି କରାଯାଏ । ଏହି ସବୁ କାର୍ଯ୍ୟ କରିବା ପାଇଁ ପ୍ରଚୁର ଜଳର ଆବଶ୍ୟକତା ରହି ଥାଏ, କପା ଚାଷ ପାଇଁ ମଧ୍ୟ ଅତ୍ୟଧିକ ଜଳର ଆବଶ୍ୟକତା ପଡେ, କପାକୁ ବିଭିନ୍ନ ପ୍ରକାର ପ୍ରସେସିଂ ଦ୍ୱାରା ସୁତା ବାହାର କରିବା ବ୍ଲିଚିଙ୍ଗ ତଥା ଅନ୍ୟ ରାସାୟନିକ ପଦାର୍ଥ ଦ୍ୱାରା ସଫା କରିବା ରଙ୍ଗ ବେରଙ୍ଗ କରିବା ନିମନ୍ତେ ପ୍ରଚୁର ଜଳର ଆବଶ୍ୟକତା ପଡେ । ପଲିଷ୍ଟାର୍ ପୋଷାକ ଏକ ପ୍ରକାର ମନୁଷ୍ୟ ଦ୍ୱାରା ତିଆରି ଫାଇବର ସୁତା ଯାହାକି ଅଶୋଧିତ ତୈଳରୁ ଉତ୍ପାଦନ ହୁଏ, ଏହା ନଷ୍ଟ ହୋଇ ଗଲା ପରେ ବା ବିକ୍ରି ନ ହୋଇ ଡମ୍ପିଂ ହେଲେ ବା ଜଳାଇ ଦିଆ ଗଲେ ଏଥିରୁ ନିର୍ଗତ ଧୂଆଁ ପରିବେଶ କୁ ଦୂଷିତ କରିଥାଏ । ଗୋଟିଏ ସୁତା ବସ୍ତ୍ର ଉତ୍ପାଦନ ପାଇଁ ହାର ହାରି ୨୦୦୦ ଲିଟରରୁ ମଧ୍ୟ ଅଧିକ ଜଳର ଆବଶ୍ୟକତା ପଡି ଥାଏ ତେବେ ଅନୁମାନ କରନ୍ତୁ ତ ପ୍ରତିଦିନ ଉତ୍ପାଦନ ହେଉଥିବା ଲକ୍ଷ ଲକ୍ଷ ପୋଷାକ ପାଇଁ କେତେ ଜଳର ଆବଶ୍ୟକତା ଅଛି ? ଏହା ଛଡା ଉତ୍ପାଦନ ପରେ ଦୂଷିତ ଜଳ ନଦୀ, ନାଳ, ବଡ଼ ବଡ଼ ଗର୍ତ୍ତ ଏବଂ ସମୁଦ୍ର ବକ୍ଷରେ ଛାଡି ଦିଆ ଯାଏ । ଦୂଷିତ ଜଳ ପରିଷ୍କାର ଜଳ ସହିତ ମିଶି ପରିଷ୍କାର ଜଳକୁ ମଧ୍ୟ ଦୂଷିତ କରି ଥାଏ ଫଳରେ ସେହି ଜଳକୁ ପାନୀୟ ରୂପେ ବ୍ୟବହାର କରୁଥିବା ଜୀବ ଜଗତ ତଥା ଜଳଚର ପ୍ରାଣୀ ମାନେ ବିଭିନ୍ନ ପ୍ରକାର ରୋଗରେ ପଡି ଥା'ନ୍ତି, ଜଳର ନିମ୍ନ ଭାଗରେ ରାସାୟନିକ ପଦାର୍ଥର ଏକ ପ୍ରକାର ଆସ୍ତରଣ ବସିଯାଏ, ଫଳରେ ଜଳ ଭିତରେ ଥିବା ଉଦ୍ଭିଦ ମାନେ ଧୀରେ ଧୀରେ ମରି ଯାଇ ଥା'ନ୍ତି ଜଳରେ ମାଛ ତଥା ଅନ୍ୟ ଜଳଚର ପ୍ରାଣୀ ଙ୍କ ସଂଖ୍ୟା କମି କମି ନିଶ୍ଚିହ୍ନ ହୋଇ ଯାଏ । ଉଦାହରଣ ପାଇଁ ଆମେ ଯଦି ଆରାଲ୍ ସି (ଯାହାକି କାଜାକ୍ ସ୍ତାନ ଏବଂ ଉଜବେକ୍ ସ୍ତାନ ମଧ୍ୟରେ ଅବସ୍ଥିତ ଏକ ବିରାଟ ହ୍ରଦ ଯାହାର କ୍ଷେତ୍ରଫଳ ୬୮,୦୦୦ ବର୍ଗ କିଲୋମିଟର) ଏହି ସାଗର ଟି ୧୯୬୦ ମସିହାରୁ ଧୀରେ ଧୀରେ ସଂକୁଚିତ ହୋଇ ୨୦୧୦ ମସିହା ବେଳକୁ ସମ୍ପୂର୍ଣ୍ଣ ଶୁଖିଗଲା ଏହାର କାରଣ ହେଲା ଏହି ସାଗରକୁ ଯେଉଁ ନଦୀ ଜଳ ଯୋଗାଉ ଥିଲା ସେହି ନଦୀର ଗତିପଥ ବଦଳାଇ ଋଷ ସରକାର କପା ଚାଷୀଙ୍କ ପାଇଁ ଜଳ ଯୋଗାଇ ଦେଲେ । ଚାହିଦା ମୁତାବକ ଜଳ ପାଇ କପା ଚାଷ ତ' ଖୁବ୍ ଭଲ ହେଲା କିନ୍ତୁ ଆରାଲ୍ ସାଗର ଉପରେ ନିର୍ଭର କରିଥିବା ହଜାର ହଜାର ସଂଖ୍ୟା ରେ ମନୁଷ୍ୟ ନିଜର ଜୀବିକା ହରାଇଲେ ଜଳ ସ୍ତର କମିଗଲା ତେଣୁ ସେମାନଙ୍କର ଜଳ ପୋତ ଗୁଡିକ ଶୁଖିଲା ବାଲୁକା ଉପରେ ପଡ଼ି ରହିଲା, ମାଛ ନ ମିଳିବାରୁ ଅନେକ ମାଛ ଚାଷୀ ଦୁର୍ଦ୍ଦିନ ଭିତରେ କାଳତିପାତ କଲେ । ସେହି ପରି ବଙ୍ଗଳା ଦେଶ ମଧ୍ୟରେ ଅନେକ ନଦୀ ପ୍ରବାହିତ ତନ୍ମଧ୍ୟରୁ ଅଧିକାଂଶ ନଦୀ ଜଳ ସଙ୍କଟ ଦେଇ ଗତି କରୁଛି ତିସ୍ତା, ଯମୁନା, ପଦ୍ମା ପରି ନଦୀ ଜଳ ବିବାଦ ତଥା ଅତ୍ୟଧିକ ଜଳ ବସ୍ତ୍ର ଶିଳ୍ପ ପାଇଁ ବ୍ୟବହାର ହେଉ ଥିବାରୁ କୃଷି ତଥା ନୌ ବାଣିଜ୍ୟ କାରବାର ପାଇଁ ଗ୍ରୀଷ୍ମ ଦିନେ ଅଚଳାବସ୍ଥା ଜାରି ହେଉଛି, ତେଣେ ବସ୍ତ୍ର ଶିଳ୍ପ କ୍ଷେତ୍ରରେ ବାଂଲାଦେଶ ଭାରତକୁ ମଧ୍ୟ ଉତ୍ପାଦନରେ ଟପି ଯାଇଛି । ପୃଥିବୀରେ କପା ଉତ୍ପାଦନରେ ଚୀନ ପରେ ଭାରତର ସ୍ଥାନ, ବାଂଲାଦେଶ କଞ୍ଚାମାଲ ଚୀନ ଏବଂ ଭାରତରୁ ଆମଦାନୀ କରି ନିଜର ବୁଦ୍ଧି ବଳରେ ବସ୍ତ୍ର ଉତ୍ପାଦନ କ୍ଷେତ୍ର ରେ ଆଜି ଅଗ୍ରଣୀ ହୋଇ ପାରିଛି । ବିଭିନ୍ନ ଦେଶରେ କପଡା ଶିଳ୍ପ ରୁ ବାହାରୁ ଥିବା ଦୂଷିତ ବର୍ଜ୍ୟ ବସ୍ତୁ, ଡମ୍ପିଂ ପଦାର୍ଥ, ରାସାୟନିକ ଜଳ ଜନିତ ପଦାର୍ଥ ରୁ ଅନେକ ପରିମାଣରେ ପ୍ରଦୂଷଣ ବଢି ଥାଏ, ଶିଳ୍ପ ପାଇଁ ଆବଶ୍ୟକ ପଡୁଥିବା ବିଜୁଳି ଶକ୍ତି ଥର୍ମାଲ ପାୱାର ଷ୍ଟେସନ୍ ରୁ ଆସେ ଏବଂ ଏଥି ପାଇଁ ହଜାର ହଜାର ମେଟ୍ରିକ ଟନ୍ କୋଇଲା ଜଳାଇ ବାକୁ ହୁଏ ପାଣିର ଚାହିଦା ମଧ୍ୟ ଥାଏ ତେବେ ଅନୁମାନ କରନ୍ତୁ କୋଇଲା ଧୂଆଁରୁ ବାୟୁ ମଣ୍ଡଳ କେତେ ପ୍ରଦୂଷିତ ହେଉଛି ?

ଆମେ ମାନେ ଚାହିଁଲେ ଏହାର କିଛିଟା ସମାଧାନ କରି ପାରିବା ଯଥା ୧ – ଅତ୍ୟଧିକ ବସ୍ତ୍ର କିଣି ଆଲମିରା ଭର୍ତ୍ତି କରି ରଖିବା ଏବଂ କିଛିଦିନ ପରେ ଆଉଟ୍ ଡେଟେଡ୍ କହି ଫୋପାଡ଼ି ଦେବା ପରିବର୍ତ୍ତେ ଆବଶ୍ୟକତାକୁ ଦେଖି ପୋଷାକ ପତ୍ର କିଣିବା ବୁଦ୍ଧିମାନ ର କାର୍ଯ୍ୟ ହେବ । ୨ – ଗୋଟିଏ ଗୋଟିଏ ପୋଷାକକୁ କିଛି ଦିନ ଅନ୍ତରରେ ଏକାଧିକ ବାର ବ୍ୟବହାର କରିବା ଦ୍ୱାରା ନୂତନ ବସ୍ତ୍ର କିଣିବାରେ କିଛିଟା ରୋକ ଲାଗି ଥାଏ ତଥା ଆପଣଙ୍କ ଅର୍ଥ ମଧ୍ୟ ବଞ୍ଚି ଥାଏ । ୩– ଅବ୍ୟବହୃତ ପୋଷାକକୁ ଆବର୍ଜନାରେ ନ ଫିଙ୍ଗି କିଛି ଗରିବ/ ଅନାଥାଶ୍ରମ କିମ୍ବା ପୁନଃ ବ୍ୟବହାର କରୁଥିବା ସଂସ୍ଥା କୁ ଦାନ ଦେଇ ପାରନ୍ତି । ୪ – ଆପଣ ବାର୍ଷିକ ବ୍ୟବହାର ପାଇଁ କିଣୁଥିବା ବସ୍ତ୍ରର ପରିମାଣ ଠାରୁ ଯଦି ବର୍ଷକୁ ୨ ଟି ବା ୩ ଟି ବସ୍ତ୍ର କମ୍ କିଣିବେ ତେବେ ହୁଏତ ଆପଣଙ୍କ ବିନ୍ଦୁ ବିନ୍ଦୁ ଜଳ କୁ ନେଇ ସିନ୍ଧୁ ହୋଇ ପାଇବ ଏବଂ କିଛି ମାତ୍ରାରେ ପ୍ରଦୂଷଣ କମାଇ ବାରେ ଆପଣ ସହଯୋଗ କରୁଛନ୍ତି ବୋଲି ଆପଣଙ୍କର ମଧ୍ୟ ହୃଦ୍ବୋଧ ହେବ । କଥାରେ ଅଛି 'ବିଲେଇ ବେକରେ କିଏ ଘଣ୍ଟି ବାନ୍ଧିବ ?' ନିଜକୁ ନିଜେ ପଚାରନ୍ତୁ ଏବଂ 'ମୁଁ ବାନ୍ଧିବି' କହି କାର୍ଯ୍ୟ ଆରମ୍ଭ କଲେ କେମିତି ହେବ ? ଭାଇ, ଭଉଣୀ ମାନେ ବଡ଼ ଲୋକ, ପୁଞ୍ଜିପତି ମାନଙ୍କୁ ଅଧିକ ପୁଞ୍ଜିପତି ହେବାକୁ ଦେଇ ଆମେ ଆଜି ପ୍ରଦୂଷଣ ଜନିତ କଷ୍ଟ ଅନୁଭବ କରି କ୍ୟାନ୍ସର ପରି ଦୁରାରୋଗ ଭୋଗ କରି ମୃତ୍ୟୁ ମୁଖରେ ପଡୁଛୁ । ପ୍ରଦୂଷଣ କାରି ମାନେ ବେଧଡକ୍ ଆମ ଦେଶ ରେ ପ୍ରଦୂଷଣ ବଢ଼ାଇ ସୁଦୂର ଆମେରିକା, ଅଷ୍ଟ୍ରେଲିଆ, କାନାଡ଼ା, ଦୁବାଇ ପରି ଦେଶରେ ନିଜର ପରିବାର ସହିତ କାଳତିପାତ କରିବକୁ ଶ୍ରେୟ ମଣୁ ଛନ୍ତି । ତେଣୁ ମିଥ୍ୟା ପ୍ରଲୋଭନ ପଛରେ ନ ଦୌଡ଼ି, ମିଥ୍ୟା ଆଭିଜାତ୍ୟର ଦ୍ୱାହି ନ ଦେଇ ନିଜର ମସ୍ତିଷ୍କର ଉର୍ବର ବୁଦ୍ଧି ପ୍ରୟୋଗ କରିବା ଉଚିତ୍ ହେବ । ଏଠାରେ ଲେଖକ କାହାରିକୁ କ୍ରୟ କରିବାରୁ କ୍ଷାନ୍ତ ହେବାକୁ ପରାମର୍ଶ ଦେଇ ନାହିଁ, କେବଳ ପ୍ରଦୂଷଣ ରୋକିବା ପାଇଁ ସମାଜକୁ ଏକ ସନ୍ଦେଶ ଦେଇଛି । ଲେଖା ମାଧ୍ୟମରେ କିଛି ତ୍ରୁଟି ଥିଲେ କ୍ଷମା ମାଗି ନେଉଛି ।

ଜୟ ହିନ୍ଦ୍


ବରିଷ୍ଠ ନାଗରିକ,ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ
୭୫୩୦୦୯
ମୋ:୯୯୩୭୧୭୪୦୯୭


# ନୂଆ ସରକାର ନିଶା ନିବାରଣ ଉପରେ ନିଜର ଆଭିମୁଖ୍ୟ ପରିଷ୍କାର କରିବା ଉଚିତ



**ସୁବ୍ରତ କର**

ନୂଆ ସରକାର ଆସିଲା ଏବଂ ଏହି ସରକାରଙ୍କୁ ସମସ୍ତେ ସ୍ୱାଗତ କରିଲେ ଏବଂ ଆଶା ରଖିଲେ ରାଜ୍ୟ ପାଇଁ ବିଶେଷ କରି ଆମ ଜିଲ୍ଲା ପାଇଁ ବେଶ୍ କିଛି ନୂଆ କାମ ହେବ ଏବଂ ଭଲ କାମ ହେବ । ଗତ ସରକାରଙ୍କ ସମୟରେ ନିଶ୍ଚିତ ଭାବରେ ଆମ ଜିଲ୍ଲାରେ ବିଶେଷ କିଛି ଉନ୍ନତି ମୂଳକ କାମ ଗୋଗାଇ ପାରିନଥିଲା । ଏପରିକି ସେ ସମୟରେ ଜିଲ୍ଲାକୁ ବଦନାମ କରା ହେଉଥିଲା ନିଶା କାରବାର ପାଇଁ । ଏହି ଜିଲ୍ଲା ଦେଇ ପୋଡ଼ଶୀ ରାଜ୍ୟରୁ ନିଶା ଦ୍ରବ୍ୟ ସବୁ ଆସି ରାଜ୍ୟର ବିଭିନ୍ନ ସ୍ଥାନକୁ ବଣ୍ଟା ହେଉଥିବା ଏବଂ ବିଶେଷ କରି ଗଞ୍ଜେଇ ଦକ୍ଷିଣ ଓଡ଼ିଶାରୁ ଆସି ଏହି ଜିଲ୍ଲା ଦେଇ ପଡ଼ୋଶୀ ରାଜ୍ୟ ମାନଙ୍କୁ ପଠାଇବାର ବ୍ୟବସ୍ଥା ହୋଇଥିଲା । ସବୁଠୁ ଦୁର୍ଭାଗ୍ୟ ବିଷୟ ଥିଲା ଖୁଦ୍ ଅବକାରୀ ମନ୍ତ୍ରୀ ଆମ ଜିଲ୍ଲାରେ ଥିଲେ । ସେତେବେଳେ ଟିକିଏ ତାଙ୍କର ଦୃଷ୍ଟି ପଡ଼ିଥିଲେ ଆଜି ତାଙ୍କର ନିଜ ଜିଲ୍ଲାକୁ ସାରା ରାଜ୍ୟରେ ବଦନାମ ହେବାକୁ ପଡ଼ନ୍ତା ନାହିଁ । ଆଜି ରାଜ୍ୟସ୍ତରୀୟ ଦୁଇଟି ମୁଖ୍ୟ ଖବରକାଗଜର ଖବର ଦେଖିଲେ ମନେ ହେବ । ପୁଣି ଆମ ଜିଲ୍ଲା ନିଶା କାରବାରରେ ଆହୁରି ତଳ ସ୍ତରକୁ ଯିବ । ପ୍ରଥମଟି ହେଲା ଜିଲ୍ଲାରେ ପ୍ରଶାସନ ତରଫରୁ ବିଜ୍ଞପ୍ତି ଜାରି କରା ହୋଇଛି । ଏହି ବିଜ୍ଞପ୍ତି ଅନୁସାରେ ୩୧ଟି ମଦ ଦୋକାନ ଲଟେରୀ ମାଧ୍ୟମରେ ନିଲାମ ହେବ । ପୂର୍ବରୁ ଜିଲ୍ଲାରେ ୫୨ଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ହୋଟେଲ, ବାର ସମେତ ୩୧ଟି ଠିପି ଖୋଲା ବିଦେଶୀ ମଦ ତୋକାନ ଓ ୩୮ଟି ପଞ୍ଜୀକୃତ ଦେଶୀ ମଦ ତୋକାନ ଥିଲା । ବାଲେଶ୍ୱରବାସୀଙ୍କ ବିରୋଧ ଏବଂ ନିଶ୍ଚିତ ପରିମାଣର ମଦ ବିକ୍ରୀ ନ କରିବା ପାଇଁ ଏହି ଦୋକାନ ଗୁଡ଼ିକ ବନ୍ଦ କରା ହୋଇଥିଲା । ସବୁଠୁ ବଡ଼ କଥା ହେଲା ସରକାରଙ୍କ ତରଫରୁ ଦେଶୀ ମଦ ଦୋକାନକୁ ଅଗ୍ରାଧିକାର ଭିତ୍ତିରେ ନିଲାମ କରିବା ସମସ୍ତଙ୍କୁ ବିସ୍ମିତ କରିଛି । ଏହି ଦେଶି ମଦରୁ ସବୁ ପ୍ରକାରର ଅଘଟଣ ଘଟି ମଦ୍ୟ ମୃତ୍ୟୁ ମଧ ହୋଇଥାଏ । ଏହା ଉପରେ ଜିଲ୍ଲା ପ୍ରଶାସନଙ୍କ ମତ ହେଉଛି ସରକାରଙ୍କ ଅବକାରୀ ବିଭାଗର ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟ କରାହେଉଛି ।

ଏବେ ପ୍ରଶ୍ନ ଉଠୁଛି ସରକାର କଣ ଚାହୁଁଛନ୍ତି ? ବାଲେଶ୍ୱର ଜିଲ୍ଲାକୁ ମଦମୁକ୍ତ କରିବେ ନା ମଦର ବନ୍ୟ ଛୁଟାଇବେ । ଜିଲ୍ଲାରେ ବହୁତ ସଂଗଠନ ନିଶା ନିବାରଣ ପାଇଁ ଦୀର୍ଘଦିନ ଧରି ସାଧାରଣରେ ସଚେତନତା ସୃଷ୍ଟି କରି ଚାଲିଛନ୍ତି ଏପରିକି ସ୍କୁଲ ମାନଙ୍କରେ ମଧ୍ୟ ପିଲାମାନଙ୍କୁ ସଚେତନ କରାଇବା ପାଇଁ ପଛାଉ ନାହାନ୍ତି । ଏସବୁ ପଦକ୍ଷେପର କଣ କିଛି ମୂଲ୍ୟ ନାହିଁ । ସରକାରଙ୍କ ଜଣେ ମନ୍ତ୍ରୀ ଚାହୁଁଛନ୍ତି ମଦକୁ ବନ୍ଦ କରିବା ପାଇଁ କିନ୍ତୁ ଆଉ ଜଣେ ମନ୍ତ୍ରୀଙ୍କ ମତ ଭିନ୍ନ । ତାଙ୍କର ଯୁକ୍ତି ହେଲା ଯେତେ ସାଧାରଣ ଗରିବ ଶ୍ରେଣୀର ଲୋକ ମଦ ପିଇ ମରନ୍ତୁ କିନ୍ତୁ ସରକାରଙ୍କର ରୋଜଗାର ହେଉଥିବା ବାର୍ଷିକ ରାଜସ୍ୱ ୨୦୦୦ କୋଟି ଟଙ୍କା ସରକାରଙ୍କ ତହବିଲକୁ ଆସୁ । ଏଭଳି ଚିନ୍ତାଧାରାକୁ ସରକାର ଦୂରେଇ ଦେଇ ୧୯୫୬ ମସିହା ମଦ ନୀତିକୁ ଶୀଘ୍ର ଗ୍ରହଣ କରି ଲୋକଙ୍କ ଜୀବନ ରକ୍ଷା କରନ୍ତୁ ।




## ଆଷାଢ଼ ପୂର୍ଣ୍ଣିମା

**ଧ୍ରୁବ ଚରଣ ଘିବେଲା**

ଆଷାଢ଼ମାସର ପୂର୍ଣ୍ଣମୀତିଥିରେ
ବ୍ୟାସଙ୍କ ଜନମଦିନ
ଗୁରୁପୂର୍ଣ୍ଣିମା ନାମରେ ବିଦିତ
ହୁଏ ସର୍ବତ୍ର ପାଳନ ।
ଅଠର ପୁରାଣ କରିଲେ ଲିଖନ
ଗୁରୁ ଶ୍ରେଷ୍ଠ ବ୍ୟାସଦେବ
ଗୁରୁ ବୋଲି କେବେ ନଥିଲାଟି ଅହଂ
ନଥିଲା ବି ଗର୍ବ ଭାବ ।
ନିଜକୁ ସର୍ବଦା ରଖି ଶିଷ୍ୟ ସ୍ଥାନେ
ଶିଖିବାରେ ସଦା ଲୟ
ସାନଠୁ ଶିଖିବା କାମେ ନାହିଁ ଲଜ୍ଜା
ଶିଖିବା ପରମ ଧ୍ୟେୟ ।
ରସିଆ ପିଲାଠୁ ଶିଖିଥିଲେ ସିଏ
ଗଛ ନଇଁବାର ମନ୍ତ୍ର
ଶିଖାଇଦେଲା ସେ ଗଛ ନୂଆଁ ମନ୍ତ୍ର
ନ ଭାବିକି ଆଗ ପଛ ।
ତାର ପିତା ଜାଣି କହିଲା ସେ କ୍ଷଣି
ତାଙ୍କୁ ପରଖିବା ଚାଲ
ଗୁରୁ ବୋଲି ତୋତେ ମାନୁଛନ୍ତି କିନା
ପରୀକ୍ଷା କହିବ ଫଳ ।
ମନେ ଏହା ଭାବି ବାପ ପୁଅ ଦିହେଁ
ଚାଲିଲେ ବ୍ୟାସଙ୍କ କତି
ବ୍ୟାସ ସେତେବେଳେ ଥିଲେ ଶିଷ୍ୟ
ମେଳେ
ଶିକ୍ଷା ଦାନେ ରଖି ମତି ।
ବ୍ୟାସ ଦେଖି ଦେଇ ନିଜେଉଠିଯାଇ
ଛୁଇଁଲେ ଗୁରୁ ପୟର
ସାନ ହେଲେ ମଧ ଦେଇ ମନ୍ତ୍ର ଶିକ୍ଷା
ଥିଲେ ସେ ଗୁରୁ ସ୍ଥାନର ।
ଗୁରୁ ବନିବାରେ ନାହିଁ ବଡ଼ ସାନ
ଉଚ୍ଚ ନୀଚର ଭାବନା
ଶିଖାଇଥାନ୍ତି ଯେ ସିଏ ନିଶ୍ଚେ ଗୁରୁ
ଶିଖେ ଯିଏ ଶିଷ୍ୟ ସିନା ।
କେତେ ବଡ଼ ଗୁରୁ ହେଲେବିମନରେ
ନ ଥିଲା କେବେ ଗରବ
ପୁରାଣ ଲେଖିକି ପ୍ରସିଦ୍ଧ ହୋଇକି
ଧନ୍ୟ ଧନ୍ୟ ବ୍ୟାସଦେବ ।


+ବଉଦରାଜ, ଜି. ବୌଦ୍ଧ
ପିନ -୭୬୨୦୧୪
ମୋ.୯୪୩୭୪୭୮୪୬୬


## ଗୁରୁ ପୂର୍ଣ୍ଣିମା...

**ରାମଚନ୍ଦ୍ର ବେହେରା**



ବ୍ୟାସଦେବଂକର ପୂଣ୍ୟ ଜନ୍ମ ତିଥି
ଗୁରୁ ପୂର୍ଣ୍ଣିମାରେ ଖ୍ୟାତ
ଋଷି ପରାଶର ମାତା ସତ୍ୟବତୀ
କୋଳେ ହୋଇଥିଲେ ଜାତ ।

ସମୟ କ୍ରମରେ ମହର୍ଷି ରୂପେ ସେ
ରଚିଲେ ମହାଭାରତ
ଅଷ୍ଟାଦଶ ପର୍ବ ମହାକାବ୍ୟ ଲେଖି
ଜଗତେ ହେଲେ ବିଖ୍ୟାତ ।

ଆଦ୍ୟ ଗୁରୁ ଆମ ପିତା ମାତା ଜାଣ
ତୃତୀୟରେ ଜ୍ଞାନ ଗୁରୁ
ଗୁରୁ ବ୍ରହ୍ମା ପୁଣି ଗୁରୁ ବିଷ୍ଣୁଦେବ
ଭୋଳାନାଥ ସର୍ବ ଗୁରୁ ।

ଗୁରୁ ପୂର୍ଣମାରେ ପିତା ମାତା ପାଦେ
ଭକ୍ତି ସମର୍ପଣ କରି
ଧର୍ମ ସଂସ୍କାରକୁ ଆପଣାଏ ଯିଏ
ହୋଇଥାଏ ଭବୁ ପାରି ।

ସତ୍ୟ ଧର୍ମ ପଥେ ନିତି ଚାଲିବାକୁ
ଗୁରୁ ଦେଇଥାନ୍ତି ମାର୍ଗ
ଗୁରୁଂକୁ ଯେ କରେ ଆଦର ସମ୍ମାନ
ପାଇଥାଏ ଜ୍ଞାନ ସ୍ୱର୍ଗ ।

ଶୁଭ ଓ ପବିତ୍ର ଗୁରୁ ପୂର୍ଣମାରେ
ଗୁରୁଂକୁ ଚିର ନମସ୍ୟ
କୋମଳ ବିଚାର ପରାଣେ ଜାଗଇ
ପାଇ ଗୁରୁଂକ ପରଶ ।

ଗୁରୁଂକ ପ୍ରତିମା ପୂଜି ଏକଲବ୍ୟ
ହୋଇଥିଲା ଧନୁର୍ଦ୍ଧାରୀ
ଗୁରୁଂକୁ ପୂଜିଲେ ସତ୍ୟନିଷ୍ଠ ଚିତ୍ତେ
ଝରିଥାଏ କୃପା ବାରି ।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ସମୟ

**ଦେବେନ୍ଦ୍ର କୁମାର ରାଉଳ**

ଆସିଲା ବରଷା କାଳ ରହିବା ସତର୍କ
ଡେଙ୍ଗୁ, ମ୍ୟାଲେରିଆ କେବେ
ମାଡିବନି ପାଖ ।

ଶୋଇବା ସର୍ବଦା ଆମେ
ମଶାରୀକୁ ଟାଣି
ଜମିବାକୁ ଦେବାନାହିଁ
ଘରପାଖେ ପାଣି ।

ବ୍ୟବହାର କରୁଥିବା ମଶା ନିବାରକ
ଦେହ ସଂପୂର୍ଣ୍ଣ ଘୋଡାଇ
ପିନ୍ଧିବା ପୋଷାକ ।

ଆମ ଆଖପାଖ ସଦା ସ୍ୱଚ୍ଛ ଥିବ ଯଦି
ମଶାବଂଶ କେବେହେଲେ
ହେବନାହିଁ ବୃଦ୍ଧି ।

ମୁଣ୍ଡ ବିନ୍ଧା, ବାନ୍ତି ସହ
ଦେହେ ଥିଲେ ଜ୍ୱର
ରକ୍ତ ପରୀକ୍ଷା କରିବା
ରୋଗୀର ସତ୍ୱର ।

ସଚେତନ ସହ ଆମେ
ହୋଇଲେ ସଜାଗ
ଦୂରେଇ ରହିବ ଡେଙ୍ଗୁ,
ମ୍ୟାଲେରିଆ ରୋଗ ।


+ଜୁଣଗଡି, ରାଜନଗର, କେନ୍ଦ୍ରାପଡା
ମୋ: ୮୮୯୫୭୪୬୫୬୫

ଗଳ୍ପ ମାଳା
ସାପ୍ତାହିକ ଗଳ୍ପ ଫର୍ଦ୍ଦ
୫
ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଜୁଲାଇ ୨୨ ସୋମବାର, ୨୦୨୪

# ବୁଢ଼ୀ ମାଆ



ପ୍ରଦ୍ୟୁମ୍ନ ପଟ୍ଟନାୟକ



ନଇ କୂଳରେ ବସି ତିନି ସାଙ୍ଗ ଗପୁ ଥାଉ। ପାହାଡ଼ ପଛରେ ସୂର୍ଯ୍ୟ ଅସ୍ତ ହୋଇ ସାରି ଥାଆନ୍ତି। ଖରା ଚାଲି ଯାଇ ଥିଲେବି ଦିନଥାଏ । ବହୁ ଦିନ ବ୍ୟବଧାନରେ ଗାଁକୁ ଯାଇଥିବାରୁ ସହରଠୁ ନେଇ ଗାଁ ଯାଏ ଖବରର ଫେଣ୍ଟା ଫେଣ୍ଟି ଆଲୋଚନା।

ନଦୀ ପଠାର ଶୁଖିଲା ବାଲି ଉପରେ ବସିଥାଉ ଆମେ ତିନିଜଣ। ମୁଁ ମଝିରେ ମୋ ଦୁଇ କଡେ ବସିଥାଆନ୍ତି ମିଟୁନା ଏବଂ ଅପୁ। ଯେତିକି ସଂଜ ବଢ଼ି ବଢ଼ି ଯାଉଥାଏ ଶୀତଳ ପବନ ସାଙ୍ଗକୁ କଥା ସେତିକି ଜମୁ ଥାଏ। ଉତ୍କଣ୍ଠାର ସହ ପଚାରିଲି;

- ଆରେ ମିଟୁନା ତୋ ମାଆ କେମିତି ଅଛିରେ ?

- ଛାଡ଼ ସେ ବୁଢ଼ୀ କଥା।

- କାହିଁ କ'ଣ ହେଲା ଦେହ ପା ଭଲ ଅଛିତ ?

ଦେହ ପାକୁ କ'ଣ ହେବ । ବୁଢ଼ୀ ପୂରା ହଟା କଟା। କଂସାଏ ପଖାଳ ତାଟିଏ ଶାଗ ଭଜା ପାର କରି ଦେଉଛି। ମାଛ ଶୁଖୁଆ ହେଲେ ବୁଢ଼ୀର ଖୋରାକ ବଢ଼ିଯାଏ।

- ତା' ହେଲେ ଅସୁବିଧା ରହିଲା କେଉଁଠି ?

- ସେଇ ତା'ର ଖାଇବାକୁ ନେଇତ ଆମ ଦି' ଭାଇଙ୍କ ଭିତରେ କଳି ଝଗଡା। ମାନ ମନାନ୍ତର।

- କିଏ ଟୁଟୁନା କଥା କହୁଛୁ ତ ?

- ହଁ ସେଇ ତ' ମୋର ଗୋଟିଏ ବୋଲି ଭାଇ । ଆଉ କିଏ ଅଛିଯେ କାହା ସହ ଝଗଡା ହେବ ।

- ସେ ତ ତୋଠୁ ତିନି ଚାରି ବର୍ଷ ସାନ ହବ। ତା' ସହ ପୁଣି ମାନ ମନାନ୍ତର କାହିଁକି ? କ'ଣ ଜମି ବାଡ଼ିକୁ ନେଇ ?

- ନା ନା ସେକଥା ବାପା ମଲା ଆଗରୁ ତୁଟେଇ ଦେଇ ଯାଇଛନ୍ତି। ଜମି ବାଡ଼ି, ଘର ଦ୍ୱାର ,ଗଛ ବୃଛ, ଗଡ଼ିଆ ପୋଖରୀ ସବୁ ସମାନ ଭାଗ କରି ଦେଇ ଯାଇଛନ୍ତି।

- ତାହେଲେ ଝାମେଲା ରହିଲା କେଉଁଠି ?

- ଝାମେଲା ସେଇ ବୁଢ଼ୀ କୁ ନେଇ। ଦୁଇ ଯା ଙ୍କ ଭିତରେ ଝଗଡା କିଏ ଶାଶୂ ବୁଢ଼ୀକୁ ରଖିବ। ତା' ଖାଇବା ପିଇବା ବୁଝିବ। ଜର ବାଧକ ହେଲେ ଓଷଧ ମୂଳିକା ପଥି ପାଚନ ଖୁଆଇବ। ଗାଁ ର ଭଦ୍ରଲୋକେ ବସି ମୀମାଂସା କରିଗଲେ ବୁଢ଼ୀ ଆମ ଦୁଇ ଭାଇଙ୍କ ପାଖରେ ପ୍ରତି ମାସ ପନ୍ଦର ଦିନ ଲେଖା ରହିବ।

- ପୁଣି ଅସୁବିଧା ରହିଲା କେଉଁଠି ?

- ଆରେ ସେଇ ପନ୍ଦର ଦିନ ରହିବା ବି ବୋହୂ ମାନଙ୍କ ପାଇଁ ଅସହ୍ୟ ହୋଇ ପଡୁଛି। ଭଲରେ ମନ୍ଦରେ ଯାହା ହେଲେବି ଖିଟ ଖିଟ। ପୂନେଇଁ ପର୍ବ ବେଳେ ଯେଉଁ ବୋହୂ ପାଖରେ ଥିବ ତା'ର ଦିହ ଜଳିବ । କାରଣ ବୁଢୀକୁ ପିଠା ପଣା ଖୁଆଇବାକୁ ପଡିବ। ପୁଣି ଯଦି ଥଣ୍ଡା କାଶ କି ଝାଡା ବାନ୍ତି ହେଲା ଡାକ୍ତର ଦେଖା ଓଷଦ କିଣା ସାଙ୍ଗକୁ ସେବା ଶୁଶ୍ରୁଷା ତା' ଭାଗରେ। ସେ ସବୁକୁ ନେଇ ବୁଢ଼ୀକୁ ଯେତିକି ଶୁଣିବାକୁ ପଡୁଛି ତାଠୁ ଅଧିକ ଆମ ଦୁଇ ଭାଇଙ୍କୁ।

- ତା' ହେଲେ ତୋ ମାଆର ତୁମେ ଦୁଇ ପୁଅ ନ ହୋଇ ଗୋଟିଏ ପୁଅ ହୋଇଥିଲେ ହୁଏତ ଭଲ ହୋଇଥାନ୍ତା। କଳି ଝଗଡା ନ ଥାନ୍ତା। ତୋ ମାଆ ଏ ବୟସରେ ଶାନ୍ତିରେ ନିଶ୍ୱାସ ମାରି ପାରୁଥାଆନ୍ତା।

- ତାର କିଛି ଗ୍ୟାରେଣ୍ଟି ନାହିଁ। ଏଇ ଶୁଣୁନୁ ଅପୁ ର ମାଆ କଥା।

- କଣ ହେଲା ପୁଣି ତା' ମାଆ ର ?

- ମୁଁ କାହିଁକି କହିବି ? ତା' ନିଜ ମୁହଁ ରେ ସିଏ କହୁ । ତା' ଭାରିଜା କେମିତି ଦିନରାତି ଶାଶୂ ବୁଢ଼ୀକୁ ସମ୍ଭୁଛି।

- ହଁରେ ସାଙ୍ଗ ମୁଁ ଗୋଟିଏ ପୁଅ ହୋଇ ସୁଦ୍ଧା ମୋ ମାଆକୁ ନିସ୍ତାର ନାହିଁ। ଦିନରାତି ମୋ ସ୍ତ୍ରୀ ବୁଢ଼ୀ ପଛରେ ପଡିଛି। ଏତେ ଖାଇଲା ସେତେ ପିଇଲା। ଏଠି ବସିଲା ସେଠି ଶୋଇଲା। ଅମୁକ କଲା ସମୁକ କଲା ଶୁଣି ଶୁଣି ମୋ କାନ ବଜରା ହୋଇ ଗଲାଣି।

- ଖାଲି ସେତିକି ନୁହଁ। ଆହୁରି କହୁଛି କଞ୍ଜୁସ ବୁଢୀ ମାଟି କାମୁଡ଼ି ପଡିଛି ଉପରକୁ ଯିବାକୁ ନା ଧରୁନି। ଛୁଆ ଜନମ କରିବାରେ ବି କଞ୍ଜୁସ। ଆଉ ଗୋଟେ ଦିଟା ପୁଅ ଜନମ କରିଥିଲେ ସବୁ ଦିନ ଜଣଙ୍କ ବେକରେ ବନ୍ଧା ହୋଇ ନଥାନ୍ତା।

- ଆରେ ଅପୁ ଜନ୍ମ ମରଣ କ'ଣ ମଣିଷ ହାତରେ। ତୋ ସ୍ତ୍ରୀ କୁ ବୁଝେଇ ଦଉନୁ।

- ରାଗିଥିବା ବେଳେ ଏ ମଇପେ କାହା କଥା କ'ଣ ଶୁଣନ୍ତି ଯେ ମୋ କଥା ସିଏ ଶୁଣିବ।

- ଦୁଇ ସାଙ୍ଗଙ୍କ କଥା ଶୁଣି ମୋର ଇଛା ହେଉଥିଲା କହିବାକୁ ଏ ମାଆ ଦୁଇଟି ପୁଅ ଜନ୍ମ କରି ମସ୍ତବଡ ଭୁଲ କରିଛନ୍ତି। ଯଦି ବାଞ୍ଝ ହୋଇ ଥାନ୍ତେ କି କେବଳ ଝିଅ ଜନ୍ମ କରିଥାନ୍ତେ ହୁଏତ ଶାନ୍ତିରେ ଜୀବନ କାଟୁ ଥାନ୍ତେ। ତାଙ୍କ ମାଆଙ୍କୁ ସେମାନେ ବାରମ୍ବାର ବୁଢ଼ୀ କହୁଥିବା ଶୁଣି ମୋତେ ଅଡୁଆ ଲାଗୁଥିଲା। ମୁଁ ସହି ନପାରି ପଚାରିଲି।

- ଆରେ ମିଟୁନା ତୋତେ କେତେ ବର୍ଷ ହେଲା କିରେ ?

- ବୟସ କ'ଣ ପଚାରୁଛୁ ? ଅପୁ , ତୁ, ଆଉ ମୁଁ ଆମେ ସବୁ ପରା ଗୋଟିଏ ଶ୍ରେଣୀରେ ପଢୁଥିଲେ। ଆଗ ପଛ ହୋଇ ବସୁଥିଲେ। ତୋର ଯେତିକି ବୟସ ଆମର ସେତିକି କି ନହେଲେ ବର୍ଷେ ଏପଟ ସେପଟ ହେବ। ଏମିତିରେ ଆମ ସଭିଙ୍କର ବୟସ ପଚାଶ ପାରିହେଲାଣି। ହଠାତ ଏମିତି ବୟସ କଥା ତୋର କାହିଁକି ମନେ ପଡିଲା ?

- ନା ଏମିତି। ଆଚ୍ଛା ତୋ ମାଆ ତୋତେ କ'ଣ କହି ଡାକେ କିରେ।

- କହନା ସେ ବୁଢ଼ୀ କଥା। ଏଯାଏ ସିଏ ଭାବୁଛି ମୁଁ ତା'ର ସେହି ଲଙ୍ଗଳା ହୋଇ କାନି ଟାଣି ପଛେ ପଛେ ବୁଲୁଥିବା କୁନି ପୁଅ । ଗେଲ୍‌ହେଇ ହେଇ ଡାକୁଥିବ ଚଗଲା, ଚଗଲାରେ। ଚଗଲା ନା ଛେନା ଗୁଡ଼।

- ଏମିତି ରଗୁଛୁ କାହିଁକି ?

- ମୁଁ ରାଗୁନାହିଁ। ଶାଶୂର ପୁଅ ପ୍ରତି ସ୍ନେହକୁ ଦେଖି ବୋହୂର ନାହି ଡିଏଁ ତ। ମୋ ସ୍ତ୍ରୀ ଚିଡ଼ିକି ଏମିତି କହେ।

- ଆରେ ଅପୁ ତୋ ମା ବି ତ ତତେ ଗେଲ୍‌ହାରେ କଣ ଗୋଟେ ଡାକେ ?

- ହଁ ପରା ସେ ବୁଢ଼ୀ କ'ଣ ଏଯାଏ ସେ ଡାକ ଛାଡ଼ିଲାଣି। ଦିନ ରାତି ଡାକ ପକେଇ ଥିବ ଧନ ରେ ବାବାରେ। ତା' ମନ ରଖିବାକୁ ଯଦି ତା ପାଇଁ କଦଳୀ କି କମଳା ଟିଏ ଆଣି ଦେଲି ତ ସ୍ତ୍ରୀର ପ୍ରାଣ ଛାଡି ଯାଏ। ଛିଗୁଲେଇ କହିବ ଯଦି ମା କାନିରେ ବୁଢ଼ାହବା ଯାଏ ବନ୍ଧା ହବାକୁ ମନ ବାହା ହେଉଥିଲ କାହିଁକି ?

- ତୁମମାନଙ୍କ କଥା ଶୁଣି ମୋର ବି ମନେ ପଡିଯାଉଛି। ମୋ ବୋଉ ବି ମୋତେ ଶଙ୍ଖାଳି ଡାକୁ ଥିଲା। କେବେ କେବେତ ଭାବପ୍ରବଣ ହୋଇ ମୋ ବାପା , ମୋ ସୁନା କହି ପକାଉଥିଲା। ଆମେ ସବୁ ଏତେ ବଡ଼ ହୋଇ ଗଲେଣି । ମିଟୁନା ମହେନ୍ଦ୍ର ହୋଇଗଲା। ଅପୁ ଅପର୍ତ୍ତି ହୋଇଗଲା । ହେଲେ ମାଆମାନଙ୍କ ପାଖରେ ସେଇ ଚଗଲା, ଧନ, ବାପା ହୋଇ ରହିଛେ। କିନ୍ତୁ ମାଆଟା ମାଆ ନରହି ବୁଢ଼ୀ ହୋଇଗଲା। ମାଆ ମାନେ କ'ଣ ସତରେ ପିଲାମାନଙ୍କ ପାଇଁ ବୁଢ଼ୀ ହୋଇ ଯାଆନ୍ତି ?

- ତୁ କେମିତି ଜାଣିବୁ ଏ ବୁଢ଼ୀଙ୍କ ଦାଉ ତୋ ବୋଉତ....... ଆଉ କିଛି କହିବା ଆଗରୁ ଅପୁ କଣ ଭାବି ଚୁପ ହୋଇଗଲା।

- ହଁ ରେ ଅପୁ ସତ କହିଲୁ। ତୁମେ ମାନେ ବହୁତ ଭାଗ୍ୟବାନ । ତୁମ ମାନଙ୍କ ମାଆ ବୁଢ଼ୀ ହେବାଯାଏ ତୁମ ମାନଙ୍କ ପାଖରେ। ମୁଁ ବି ଚାହୁଁଥିଲି ମୋ ବୋଉ ବୁଢ଼ୀ ହେବାଯାଏ ବଞ୍ଚିଥାଉ। ତା' ଗୋରା ଦେହ ସାଙ୍ଗକୁ ପାଚିଲା ବାଳ କେମିତି ଦିଶୁ ଥାନ୍ତା କେଜାଣି ? ତା' ପତଳା ଦେହ କୁ ଘୋଡ଼ାଇ ବଳି ପଡୁଥିବା ମମତାର କାନିଟା ଆମ ଉପରେ ଲମ୍ବି ଯାଇଥାନ୍ତା। ମୋ ପିଲା ମାନେ ଜେଜେମାର ସ୍ନେହମୟୀ ଅଶ୍ଳେଷ, ତା' ପେଡିରେ ସାଇତା କାହାଣୀ କବିତା ଶୁଣିବାରୁ ବଞ୍ଚିତ ହୋଇ ନଥାନ୍ତେ । ତୁମେ କାହୁଁ ବୁଝିବ ମାତୃହରା ସନ୍ତାନର ଦୁଃଖ। କଥାରେ ଅଛି ପରା ଥିଲେ ଚିରାକନା ହଜିଲେ ପାଟ।

ସଂଜ ନଇଁ ଆସିଥାଏ। ମୁହଁକୁ ମୁହଁ ଦିଶୁ ନଥାଏ। ଆମେ ନଦୀ କୂଳରୁ ଘରକୁ ଫେରୁ ଥାଉ। ମିଟୁନା ଏବଂ ଅପୁ ମୋ ସହ ନୀରବରେ ଚାଲୁଥିଲେ। ମୋ କଥା ତାଙ୍କ ମନରେ କି ଭାବନ୍ତର ସୃଷ୍ଟି କଲା କେଜାଣି। କିନ୍ତୁ ମୋ ମନର ଉଦ୍‌ବେଳିତ ଅବସୋସ ଆଖିର ଲୁହ ହୋଇ ଝରୁଥିବା ସେମାନେ ଦେଖି ପାରୁ ନଥିଲେ।

୧୦୧- ପ୍ରକାଶ ଦୀପ ଟାୱାର
ଜୟ ଦୁର୍ଗା ନଗର, ଭୁବନେଶ୍ୱର ୦୬
ମୋ: ୯୯୬୮୨୮୦୮୯୬

# ପୁନର୍ବିବାହ

ଗଗନ ବିହାରୀ ନାୟକ

କାକର ଭିଜା ଶରତ ପୂନେଇଁର ଜହ୍ନରାତି...।

ଆକାଶକୁ ଚାହିଁ ରହିଛି ବାସନ୍ତୀ । ବିତି ଯାଇଥିବା ଅତୀତଟା ତାଠାରୁ ବହୁତ ଦୂରରେ। ଝାପସା ଝାପସା ମନେ ପଡୁଛି ବିଗତ ଦିନ ଗୁଡାକ । ଭାବନା ପରିଧିର କେନ୍ଦ୍ର ବିନ୍ଦୁରେ ଠିଆ ହୋଇ ସେ ମାପି ଚାଲିଥିଲା ଲାଭ କ୍ଷତିର କ୍ଷେତ୍ରଫଳ । ତା ଭିତରେ ନିଜେ ଅନୁଭବ କରୁଥିଲା ସେ ଗୋଟେ ଅଛିଣ୍ଡା ଅଙ୍କର ଭଗ୍ନାଂଶଟିଏ। ଝରକା ବାଟ ଦେଇ ପଶି ଆସିଲା ଦଲକାଏ କାକର ଭିଜା କୋହଲା ପବନ। ସେ ନିଜକୁ ଦେଖିଲା, କାଲିର କୁଆଁରୀ ଆଜିର ବୋହୁ । କିଏ ଜାଣେ କାହା ଭାଗ୍ୟ ସହିତ ଆଉ କାହାର ଭାଗ୍ୟ ଜୋଡି ହୋଇ ବଦଳି ଯିବ ଜୀବନର ପରିପଥ। ଦିନେ ଚୁପି ଚୁପି ବସନ୍ତ ଆସିଲା ଭଳି ତା ଅଭିଆଡୀ କଲେଜ ଜୀବନରେ ଦୁଷ୍ମନ୍ତ ଦେଖା ଦେଲେ । ଦୁଷ୍ମନ୍ତଙ୍କ ପ୍ରତି ଅହେତୁକ ଭଲ ପାଇବା ସହିତ ପାଠ ପଢା ସମୟଟା ଖୁବ ମଉଜ ସଜଳିସରେ କଟିଗଲା। ତା ମନର ମଣିଷଟିକୁ ସେ ବାସ୍ତବରେ ଆବିଷ୍କାର କରିଥିଲା ସେଦିନ। ତା ଭିତରେ ଥିବା ଭଲ ପାଇବାର ମନଟିକୁ ଧୀରେ ଧୀରେ ସେ ଉତ୍ସର୍ଗୀକୃତ କରି ଦେଇଥିଲା ତା ଉଦ୍ଦେଶ୍ୟରେ । ଆଉ କଥା ଦେଇଥିଲା ଜୀବନ ସାଥୀ ହୋଇ ଚିର ଦିନ ତା ସହିତ ଖୁସିର ମୁହୂର୍ତ୍ତ ଗୁଡାକ ଏମିତି ହସ ଖୁସିରେ କାଟିବ । କିନ୍ତୁ ବଦଳି ଗଲା ସବୁକିଛି । ଭାରତୀୟ ସଭ୍ୟତାରେ ଥିବା ଆଦିମ ବିଚାରଧାରାର ଶିକାର ହେଲା-ବାସନ୍ତୀ । ପୁରୁଣା ପରମ୍ପରା ସଂସ୍କୃତିର ଖଣ୍ଡାଧାରରେ ଦୁଇଖଣ୍ଡ ହେଇଗଲା ଦୁଇଟି ଜୀବନ। ବାସନ୍ତୀ ମନକୁ ଚୋରା ଚଇତାଳି ଛୁଇଁ ପାରିଲା ନାହିଁ। ଦୂରେଇ ଗଲା ମଳୟଠାରୁ ବାସନ୍ତୀର ଦୂରତା । ବାସନ୍ତୀର ଇଣ୍ଟର ପାଠପଢା ପରେ, ବାହାଘର ଠିକ ହୋଇଗଲା ଅନ୍ୟତ୍ର । ଘର ଲୋକଙ୍କୁ କହିଲେ ବି କେହି ଶୁଣି ନ ଥିଲେ ତା' କଥା । ଓଲଟି ମଳୟକୁ ମାରିଦେବାକୁ ଧମକ ଦେଲେ, ବଡ ବାଧିଥିଲା ବାସନ୍ତୀକୁ । କାରଣ, ବାସନ୍ତୀ ମଳୟକୁ ଖୁବ ଭଲ ପାଉଥିଲା । ଗ୍ରହ ନକ୍ଷତ୍ରର ହିସାବ ପୋଥିରେ ମଳୟ ଥିଲା ଗୋଟେ ଅମେଳକ ରାଶି । କାରଣ ସମାଜର ଜାତିଗତ ବ୍ୟବସ୍ଥାର ସାରଣୀ ଭିତରେ ମଳୟ ସବୁଠାରୁ ବହୁତ ତଳେ ରହିଥିଲା। ହେଲେ ମନପ୍ରାଣ ଓଜନିଆ ଥିଲା, ଭଲ ପାଇବାର ପବିତ୍ରତା ଓ ହୃଦୟର ସ୍ୱଚ୍ଛ ଚିନ୍ତାଧାରା ପାଇଁ ଆଜି ସେ ତଳେ ଥିବାର ସେଇ ଦିନ ଅନୁଭବ କରୁଥିଲା । ସମାଜର ଉପରେ ଥିବା ବଡ ପଣ୍ଡାମାନେ ତାଙ୍କୁ ତଳେ ରଖିଦେଇ ଭାରତୀୟ ସଭ୍ୟତାକୁ ଅବକ୍ଷୟ କରି ପରମ୍ପରା ଓ ସଂସ୍କୃତିର ଅଛିଣ୍ଡା ଗଣିତରେ ସେ ଆଜି ଅବିଭାଜ୍ୟ । ସମାଜିକ ପର୍ଯ୍ୟବେକ୍ଷକଙ୍କ ମେଳକ ପୋଥିର ପୃଷ୍ଠ ପୋଷକଙ୍କ ମାନସିକ ବିକୃତିକୁ ସ୍ୱୀକାର୍ଯ୍ୟ ବୋଲି ଭାବି ବାସନ୍ତୀ ଠାରୁ ନିଜକୁ ଦୂରେଇ ନେଲା ମଳୟ। କିନ୍ତୁ ସେ ନିରୋଳାରେ ବସି ଭାବେ ବାସନ୍ତୀର ପବିତ୍ର ଭଲ ପାଇବାକୁ। ବିଚାର କରେ ତା ବନ୍ଧୁ ଅଜୟକୁ ନେଇ ଏକ ସମାନ୍ତରାଳ ସରଳ ରେଖାରେ । ଯୋଗକରେ ଭାରତୀୟ ସଭ୍ୟତା ସହିତ ଅନ୍ୟ ଦେଶର ସଭ୍ୟତା ସହିତ । ସେ ଆଜି ତା ଜନ୍ମଭୂମିରେ ଏତେ ତଳେ କାହିଁକି ? କିଏ ଛଡେଇ ନେଇଛି ତାର ସହଜାତ ଓ ମୁକ୍ତ ଭାବେ ମିଳିଥିବା ଈଶ୍ୱର ଦତ୍ତ ଦି'ପାଦ ଭୂଇଁ ଓ ଚେନାଏ ଆକାଶ । ପ୍ରଶ୍ନ ପରେ ପ୍ରଶ୍ନ କରେ ନିଜେ ନିଜକୁ ଆଉ ତା ଉତ୍ତରରେ ସେ ହସେ, ବଦ୍ଧ ପାଗଳ ହସ । କହେ ସଭ୍ୟତା ସତରେ କେତେ ନୀଚରେ । କାରଣ,ତା ବନ୍ଧୁ ଅଜୟ ବିଦେଶରେ ସଫ୍ଟୱେର ଇଞ୍ଜିନିଅର କରି ସେଠାର ବିଦେଶିନୀକୁ ପସନ୍ଦ କରି ବିବାହ କଲା । ଆଜି ବେଶ ସୁଖ ସ୍ୱାଛନ୍ଦ୍ୟ ଜୀବନ ବିତାଇ ଆସୁଛି । ସେ ଓ ତା' ବଂଶ ଆଭିଜାତ୍ୟ ପରମ୍ପରା ସବୁ ବିଦେଶିନୀ ଅର୍ଥ ର ଅନ୍ତରାଳେ ଚାପି ହେଇଗଲା । ଭାରତୀୟ ସଂସ୍କୃତି ପରମ୍ପରା କାଇଁ ଅଜୟକୁ ଆଖି ଉଠେଇ ଦେଖିଲା ନାହିଁତ । ସବୁ ଅର୍ଥର ଅନ୍ତରାଳେ ସମାଧିସ୍ଥ ନେଲା । ବୈଦିକ ନିତୀରେ ବିବାହ କରି ସେଇ ପୁଅ ବୋହୁର ମୋଟା ଅଙ୍କର ରୋଜଗାରରେ ଅଜୟ ବାପା ଆଜି ଶାସକ ଗୋଷ୍ଠୀର ସଚେତକ ପାଲଟି ଗଲା । ଅଜୟ ମା' ଆଜି ସାମାଜିକ କର୍ମୀ ହେଇ ସମାଜକୁ ପଢେଇ ଆସୁଛନ୍ତି ସଂସ୍କାର ସଂସ୍କୃତିର ଉପପାଦ୍ୟ । ଜଣେ ସଂସ୍କାରର ଜୟମାଲ୍ୟ ଧରି ସଂବିଧାନ ଗ୍ରନ୍ଥର ପ୍ରବଚକ ହେଲା ବେଳେ ଆଉ ଜଣେ ଅପସଂସ୍କୃତି ବୀଜ ବାହକ ହୋଇ ସମାଜକୁ କଳୁଷିତ କରୁଛନ୍ତି। କିନ୍ତୁ ସେ ଓ ତା ଭଲ ପାଇବା- ବାସନ୍ତୀ । ସମାଜର ପୁରୁଣା ପରମ୍ପରା ଓ ଅପସଂସ୍କୃତିର ଆଦିମ ବିଚାରଧାରାର ଶିକାର ହୋଇ ଆଜି ବାସନ୍ତୀ ଦୁଷ୍ମନ୍ତ ପରିବର୍ତ୍ତେ ହାତ ଧରିଲା ବିକ୍ରମ ରାୟର । ହତାଶାର ଦୀର୍ଘଶ୍ୱାସରେ ଦୁର୍ବଳ ଅନୁଭବ କରେ ଦୁଷ୍ମନ୍ତ । କଣ ବା ସେ କରି ପାରିବ ନିଜ ଜୀବନ ଧାରାର ପରିବର୍ତ୍ତନ କରିବା ଛଡା। ବିକ୍ରମ ରାୟ ସହିତ ବାସନ୍ତୀର ବିବାହ ହେଇଗଲା କିନ୍ତୁ ଏବେ ବି ପତିର ସାନିଧ୍ୟତା ପାଇବାରୁ ବଞ୍ଚିତା ବାସନ୍ତୀ । ଆକଣ୍ଠ ମଦ୍ୟପାନ କରି ଫେରୁଛନ୍ତି ଅଧରାତିରେ । ବିଦେଶୀ ମଦର ଉତ୍କଟ ଗନ୍ଧରେ ଫାଟିପଡୁଚି ଦେହ । ବାସନ୍ତୀ ଡରରେ କିଛି କହେନା । ଆଖି ମଳିମଳି ଭିତରେ ଭିତରେ କାନ୍ଦେ । କୁରୁଳି କୁରୁଳି କୁହୁଳା ନିଆଁରେ ଜଳୁଥିବା କୁଟାଗଦାକୁ କାହିଁକି କିଏ ବା ପଚାରି ବୁଝିବ ତା ଜଳିବାର ଅନ୍ତରାଳର କଥା । ନିତିଦିନର ନିଦୁଆ ରାତି ତା ପାଇଁ ହୁଏ ଉଜାଗର। ସେ ବେକରେ ପିନ୍ଧା ମଙ୍ଗଳସୂତ୍ର ଓ ହାତର ଶଙ୍ଖାକୁ ଦେଖି ମଙ୍ଗଳ ମନାସେ । ନିଜକୁ ବୁଝେଇ ଦିଏ । କାହାକୁ ବା କହିବ । ସେ ଜାଣେ, ଯେତେବେଳେ ସବୁ ନିଜ କାମ ଅସଜଡା ହେଇଯାଏ, ସେତେବେଳେ ମଣିଷ ଅସହାୟ ହୋଇ ଭାଗ୍ୟକୁ ନିନ୍ଦା କରେ । ଭଗବାନକୁ ଦାୟୀ କରି ଚତୁରତାର ସହିତ ଦୋଷ ଲଦି ନିର୍ଦ୍ଦୋଷ ହୋଇଯାଏ । କିନ୍ତୁ, ଯେତେବେଳେ ନିଜର ଉନ୍ନତିର ପାହାଚ ଚଢେ, ସେତେବେଳେ ଭାଗ୍ୟ ଓ ଭଗବାନଙ୍କୁ ଭୁଲି ନିଜ ସତ୍କର୍ମ ଫଳକୁ ଅଗ୍ରାଧିକାର ଦେଇଥାଏ । ସତରେ ମଣିଷ କେଡେ ସ୍ୱାର୍ଥୀ । ଏମିତି ଅନେକ ଗୁଡିଏ ଜୀବନର ଜଟିଳ ମାନସାଙ୍କର ଉତ୍ତର ଖୋଜୁଖୋଜୁ ବାସନ୍ତୀର ରାତି ପାହିଯାଏ । ପତି ସାନ୍ନିଧ ପାଇବାରୁ ବଞ୍ଚିତା ବାସନ୍ତୀର ମିଳନ ରାତି ବିରହରେ ବିତେ । ଅହେତୁକ ଜୀବନ ଯୌବନର ଶୋଷ ମନରେ ମାରେ । ଏକାକିନୀ ଉନିଦ୍ର ରାତିରେ ବସି ବାସନ୍ତୀ, ନିଜକୁ ସମୀକ୍ଷା କରେ । ଦେଖେ, ବିକ୍ରମ ଆଉ ମଳୟର ସାମାଜିକ ଚଳଣି ଶୈଳୀରେ ଆକାଶ ପାତାଳ ତଫାତ । ସମୟର ଗତାନୁଗତିକ ନିୟମରେ ପାଦ ଦେଇ ଚାଲି ଚାଲି ଦୁଷ୍ମନ୍ତ ଜଣେ ସଫଳ ଡାକ୍ତର ହୁଏ। ବିକ୍ରମ ଗୋଟିଏ ପଦ୍ୟପ । ଜଣେ ସମାଜର ତଳ ପାହାଚରେ ଥାଇ ବି ବେଶ ପ୍ରତିଷ୍ଠିତ ଓ ସଫଳ ବ୍ୟକ୍ତିତ୍ୱ । ଆଉ ବିକ୍ରମ ଜଣେ ଗଣିକା ଆସକ୍ତ ଓ କାମୁକ । ଅନ୍ତର୍ଦାହର ଦୀର୍ଘଶ୍ୱାସ କେଇଟା ବାହାରି ଆସେ । ଭାବନାର ବାଉଳା ପବନରେ ଆକ୍ତାମାକ୍ତା ହୋଇଯାଏ ସେ। ସାମାଜିକ ବାସନ୍ଦର ପ୍ରାଚୀର ଡେଇଁ ସେପଟକୁ ଯିବାର ସାହସ ତାର ନଥିଲା ବୋଲି ଆଜି ସେ' ସଧବା ହୋଇ ବିଧବା ସମ ଭୋଗୁଛି ବିରହ ଜନ୍ତ୍ରଣା । ସେ' ନିରୂପ୍ରାୟ ହୋଇ ନିରବୀ ଯାଇଥିଲା ବୋଲି ଆଜି ସାରା ଜୀବନ ତିଳତିଳ ପଳପଳ କରି ଜାଳୁଛି ନିଜକୁ । କିଛି କରିବାର ସାହସ ନ ଥିଲା ନା ବଦଳେଇବାର ତାକତ ଥିଲା ସାମାଜିକ ବ୍ୟବସ୍ଥା ନା ସାହସ ଥିଲା କହିବାକୁ କାହାକୁ । ପରିବାର ଲୋକ କିଏ କେତେ କଥା କହିଯାଇଥିଲେ ସେଦିନ । ସେ ଅନୁଭବ କରୁଥିଲା ଶୂନ୍ୟତା । ସତରେ ସେ ଆଜି ଯାହା ନିଷ୍ପତ୍ତି ନେଲା ସବୁ ଓଲଟ ପାଲଟ ହୋଇଗଲା । ଆଜି ଦୁଷ୍ମନ୍ତକୁ ହଜେଇ ପାଇଲା କଣ ? ପୂନେଇଁ ରାତିର ଜହ୍ନ କ୍ରମଶଃ ଉପରକୁ ଉଠିଲାଣି । ପ୍ରଚୁର ମଦ୍ୟପାନ କରି ଫେରିଛନ୍ତି ବିକ୍ରମ ହାତରେ ଧରିଛନ୍ତି ଗୋଟିଏ ସିଲ୍ଡ ବିଦେଶୀ ମଦ ବୋତଲ । ଆହତ ଆଖିରେ ଚାହିଁଲା ବାସନ୍ତୀ । ସାହସ ସଞ୍ଚୟ କରି, ବିକ୍ରମକୁ କିଛି କହିବା ଆଗରୁ ବିକ୍ରମ କହିବାକୁ ଲାଗିଲେ ଜମାଟ ବନ୍ଧା ମନର କ୍ଷୋଭ । ସେ କହିଲେ-ଦେଖ ବାସନ୍ତୀ, ମୁଁ ସବୁଦିନ ଭଳି ଆଜି ବି ଟିକେ ଅଧିକ ମଦ୍ୟପାନ କରିଛି ।ହେଲେ କେବେ ବି ପଦେ ତାଗିଦ କରି କହିନାହଁ କି କେବେ ପ୍ରତିବାଦର ସ୍ୱର ମୋ ବିରୁଦ୍ଧରେ କରିନାହଁ।

ଆଇ ନୋ, ୟୁ ଆର ମାଇଁ ବେଟର ହାଫ୍। ମୁଁ ଜାଣେ ସ୍ୱାମୀ ସପକ୍ଷରେ ଯିବା ପତିଭକ୍ତା ସ୍ତ୍ରୀର ପରମ ଧର୍ମ । ସେ ସବୁବେଳେ ତାର ସତୀତ୍ୱର ପରାକାଷ୍ଠା, ଭକ୍ତି, ପ୍ରୀତି, ସେବା ଓ ଶାନ୍ତିରେ ଆବାହନୀ ଦେଇ ଆସିଥାଏ । ତେଣୁ ବହୁତ ଧନ୍ୟବାଦ ଦେଉଛି ତୁମକୁ । ତୁମ ଧୈର୍ଯ୍ୟକୁ ଶତ ପ୍ରଶଂଶା କରୁଛି । କାରଣ, ବିବାହ ପର ଠାରୁ ମୁଁ କିଛି ବି ତୁମକୁ ଦେଇନି । ତଥାପି, ତୁମେ ମନ ଦୁଃଖ କରିନାହଁ । ହେଲେ ଜାଣିଛ, ମୁଁ ଆଉ ତୁମ ସହିତ ବେଶି ଦିନ ରହି ପାରିବିନି ।କାରଣ, ମୁଁ କେଉଁ ଏକ ଅଜଣା ରୋଗରେ ପ୍ରପିଡିତ। ଏକଥା ଶୁଣି ଆଖିରେ ବୁନ୍ଦାଏ ଅଶ୍ରୁ ଜକେଇ ଆସିଥିଲା ବାସନ୍ତୀର । ସେ ବିକ୍ରମକୁ ଶାନ୍ତନା ଦେଇ କହିଲା -ନା, ତୁମର କିଛି ହେବନି । ତାଛଡା, ମୁଁ ତମ ପାଖେ ପାଖେ କାୟାକୁ ଛାଇ ଭଳି ଲାଗି ରହିଛି। କିନ୍ତୁ ବିକ୍ରମ ହାତରେ ଧରି ଥିବା ପ୍ରେସ୍କ୍ରିପସନଟିକୁ ବାସନ୍ତୀ ହାତକୁ ବଢେଇ ଦେଇ ସେଇଠି ବସି ପଡିଥିଲେ । ଦେହରୁ ଗମ ଗମ ହୋଇ ବହିଯାଉଥିଲା ଝାଳ । ଦେହଟି ଗୋଟିଏ ଅଜଣା କମ୍ପନରେ ଥରୁଥିଲା । ବାସନ୍ତୀ ପଢୁଥିଲା ବିକ୍ରମ ନିଦାନ ରିପୋର୍ଟ । ଫେରି ଚାହିଁଲା ବାସନ୍ତୀ, ବିକ୍ରମ ଦେହଟା ଜଡବତ ପଡି ରହିଛି । ସେ କାଳ ବିଳମ୍ବ ନକରି ଶହେ ଆଠ ଆମ୍ବୁଲାନସକୁ ଫୋନ କରି ଥିଲେ । ସମୟରେ ଆମ୍ବୁଲାନ୍ସ ଆସି ପହଞ୍ଚି ଯାଇ ଥିଲା । ସିଟି ହସପିଟାଲର ଏମର୍ଜେନ୍ସି ବେଡରେ ବିକ୍ରମ ପଡି ରହିଛନ୍ତି । ଚିକିତ୍ସା ଚାଲିଛି। କିଛି ସମୟ ପରେ ଡାକ୍ତର ଆସି କହିଲେ- ଓଃ !!! ନୋ, ଆମେ ଚେଷ୍ଟା କରି ହାରିଗଲୁ । ଆପଣ ଏବେ ଡେଡ୍ ବଡି ନେଇ ଯାଇପାରନ୍ତି । ବାସନ୍ତୀ ନିର୍ବାକ ହୋଇ ଚାହିଁ ରହିଥିଲା ଡାକ୍ତରଙ୍କୁ । ବିକ୍ରମ ଡେଡ... ଆଇ ମିନ, ଆଇ ଆମ୍ ଲଷ୍ଟ ମାଇଁ... ଓଃ !!! ନୋ ଡକ୍ଟର । ଡାକ୍ତର ବାସନ୍ତୀକୁ ଦେଖୁଥିଲେ । ଆଖିରେ ଆଖିଏ ଲୁହ ପ୍ରତିବିମ୍ବିତ କରି ଅତୀତକୁ ମନେ ପକେଇ ଦେଉଥିଲା । ଝାପସା ଝାପସା ଲୁହ ଭିତରେ ସେ ଦେଖୁଥିଲେ ସେଇ ଦିନ ଯେଉଁ ଦିନ ବାପ ଘରୁ ବିଦାୟ ବେଳାରେ ସେ ଗୋଡ଼ କାଢି ମୁଣ୍ଡରେ ଓଢଣା ପକେଇ ନଇଁ ନଇଁ ଧିରେ ଧିରେ ପାରମ୍ପରିକ ରୀତି ନୀତିରେ ସବାରୀରେ ବସି କିଛି ଦୂର ଆସିବା ପରେ କେତେକ ତାଙ୍କୁ କହିଥିଲେ ସୁସଜ୍ଜିତ ଗାଡ଼ିରେ ବସି ଶାଶୁ ଘରକୁ ଆସିବାକୁ। ଘୋଡାରେ ଚଢ଼ି ହାତରେ ଖଣ୍ଡା ଧରି ରାଜକୁମାର ଭଳି ଦେଖ ଯାଉଥିବା ବିକ୍ରମ ପ୍ରକୃତରେ ରାଜା ବିକ୍ରମାଦିତ୍ୟଙ୍କ ଭଳି ଦେଖା ଯାଉଥିଲେ । ଅସୁମାରୀ ସ୍ୱପ୍ନ ବୋଳା ମନ ତଳେ ଲହଡ଼ା ଭାଙ୍ଗୁଥିବା ସାଂସାରିକ ଜୀବନ ଭିତରେ ବାନ୍ଧି ହୋଇ ସଫଳ ଗୃହିଣୀ ପରିଚୟ ଦେଇ ସେ ପ୍ରମାଣ କରେଇଦେବ ଯେ, ଏବେ ବି ନାରୀ ଯାୟା, ଜନନୀ, ଭଗିନୀ ଓ କନ୍ୟା ହୋଇ ଭାରତୀୟ ସଂସ୍କୃତିକୁ ସଶକ୍ତ କରି ଆସିଛି । ଆଦର୍ଶ ପରିଚୟ ଦେଉଚି । ସେ ବଞ୍ଚିଛି, ବଞ୍ଚେଇ ରଖିଚି । ଆଖିର ଅମାନିଆଁ ଲୁହ ଗୁଡାକ ବହି ଚାଲିଛି... । ମନେ ପଡୁଚି, ସେଦିନ ଡ୍ୟୁଟିରେ ଥିବା , ଡାକ୍ତରଙ୍କୁ ସେ ଯେମିତି ଚିହ୍ନିଚି । ଡାକ୍ତର ବାବୁଙ୍କ ଆଖିରେ ସେ ଯେମିତି ଧରା ପଡ଼ିଗଲା ଭଳି ସେ ଦିନ ଡାକ୍ତର ବାବୁ ତାଙ୍କୁ ଚାହିଁ ରହିଥିଲେ। ଯେମିତି ଲାଗୁଥିଲା ସେ ମୋତେ ଜାଣିଛନ୍ତି ଆଉ ମୁଁ ବି ତାଙ୍କୁ ଚିହ୍ନିଲା ଚିହ୍ନିଲା ଭଳି ଲାଗୁଥିଲେ । ହେଲେ ସେ ନୀରବ ମୁଁ ବି ନିରବି ଯାଇଥିଲି, କିଛି ନ କହି ଶାଶୁ ଘର ପରିବାର ସହିତ ନିରାଶରେ ଫେରିଥିଲି । ହେଲେ ପଚାରି ପାରି ନ ଥିଲି ତାଙ୍କ ଆଖିର ଭାଷା ।

ବିକ୍ରମ କଥା କିଛି ମନରେ ଭାବୁ ନଥିଲା ବାସନ୍ତୀ । ସେତ ସ୍ୱାମୀ କର୍ତ୍ତବ୍ୟ କିଛି ବି କରି ନାହାନ୍ତି । ସବୁ ବେଳେ ସୁରାଶାକୀ ସହିତ ତାଙ୍କର ପରିଚୟ । ସେ କେଉଁ ସ୍ମୃତିକୁ ପାଥେୟ କରି ଭାବିବେ । କେଉଁ ସଂସ୍କାରକୁ ଧରି ପରିଚୟ ଦେବେ । ହାତ ଧରି ଅଧା ବାଟରେ ଛାଡି ଚାଲିଯିବା କଣ ଜୀବନ ? ବୋଧ ହୁଏ-ନା !

ଭାବନାରେ ରାତି ସରେ, ଦିନ ଆସେ । ସମୟ ସହିତ ପାଦ ମେଳେଇ ଚାଲି ଚାଲି ସମୟକୁ ସାରିବାକୁ ଯେମିତି ଆମେ ସମସ୍ତେ ସଂସାରକୁ ଆସିଛେ । କିଏ ସୁଖ ସ୍ୱାଛନ୍ଦ୍ୟରେ ଅୟସକୁ ନେଇ ତ କାହାର ବଞ୍ଚିବାର ବୟସ ନାହିଁ। ଠିକ୍ ଯେମିତି ବିକ୍ରମ । ବିକ୍ରମ ଆରପାରିକୁ ଯିବାର ଏକ ମାସ ବିତି ଯାଇଛି । ଶାଶୁଘର ଲୋକେ କେତେ କଥା କହିଚାଲିଛନ୍ତି । ସବୁ ଅପମାନକୁ ସେ ସହି ସହି କେବଳ ଆଖି ଓଦା କରୁଛି । କେହି କେହି ଉଆଁସୀ କହି ତା କୋମଳ ହୃଦୟରେ କ୍ଷତ ସୃଷ୍ଟି କରିଛନ୍ତି। ତେଣୁ ସେ ଚାହିଁଛି ସଂପତ୍ତି ଅଲଗା କରି ନେବାକୁ । ତେଣୁ ଆଜି ସେ ବିକ୍ରମ ମୃତ୍ୟୁ ପ୍ରମାଣ ପତ୍ର ପାଇଁ ହସପିଟାଲ ଯାଇଛି । ସେ ଦେଖୁଛି ସେଦିନ ତାକୁ ଭେଟି ପ୍ରବୋଧନା ଦେଇଥିବା ଓ ଚିହ୍ନା ଚିହ୍ନା ଲାଗୁଥିବା ଡାକ୍ତର ଜଣକ ତା ଆଖି ଆଗରେ । ସେଇ ହସ ହସ ମୁହଁରେ ଚାହିଁ ରହିଥିଲେ ଏକଲୟରେ । କିଛି ସମୟ ପରେ କହିଲେ- ତୁମେ ବାସନ୍ତୀ ! ଛୋଟ ହଁ'ଟି କରି ମୁଣ୍ଡକୁ ତଳକୁ କରି ଦେଲେ ବାସନ୍ତୀ । ଡାକ୍ତର ଦୁଷ୍ମନ୍ତ କହିଲେ- ଆରେ, ମୁଁ ପରା ଦୁଷ୍ମନ୍ତ, ତୁମ କଲେଜ ସାଙ୍ଗ । ତୁମେ ସେଦିନ ସେଇ କଲେଜ ଡ୍ରାମାରେ ମୋ ସହିତ ଯେଉଁ ରୋଲ୍ କରି ପ୍ରଶଂସିତ ହେଇଥିଲେ । କେତେ କିଏ ସାଙ୍ଗ ଆମ ଦୁଇ ଜଣଙ୍କୁ କେତେ କଥା କହି ନ ଥିଲେ । -ହଁ, ତାପରେ ତୁମେ ମେଡ଼ିକାଲ ପାଇଲ ଆଉ ମୁଁ ସେଇ ଲୋକ ଲଜ୍ୟାରୁ ପାର ପାଇବାକୁ ବାପା ମା ବିଏସସି. ପରେ ମୋତେ ବିକ୍ରମ ସହିତ ବାହା ଘର କରି ଦେଲେ...।

ଆଉ ଆଜି ମୁଁ । ଏଇ ହସ୍ପିଟାଲର ମେଡିକାଲ ଅଫିସର । ସେଦିନ ଲୋକଟିକୁ ମୁଁ ବଞ୍ଚେଇ ପାରିଲିନି ସିନା । ସେ ତୁମ ସ୍ୱାମୀ ହେବେ' କି ନା ମୁଁ ଜାଣି ନ ଥିଲି । କେବେ ତାଙ୍କ ସହିତ ଆସିବା ଯିବା ମୁଁ ଦେଖିନି । ସେଇ ତେବେ ତୁମ ସ୍ୱାମୀ !

-ହଁ,'କହି ଭୋ ଭୋ ହୋଇ କାନ୍ଦି ଉଠିଲା ବାସନ୍ତୀ । ତା'କୁ ପ୍ରବୋଧନା ଦେଲେ ଡାଃ ଦୁଷ୍ମନ୍ତ, କହିଲେ-ତୁମେ ଜଦି କିଛି ନ ଭାବିବ । ତେବେ ମୁଁ ତୁମକୁ ପୁନଃ ବିବାହ କରିବି ବାସନ୍ତୀ। ଅନ୍ତତଃ ଆଉ ଥରେ ମୋତେ କଥା ଦିଅ । ଚମକି ପଡ଼ିଲା ବାସନ୍ତୀ, ମୁଁ...ଆଉ ଥରେ... ହିନ୍ଦୁ ନାରୀ, ବଂଶ, ପରମ୍ପରା...ଆଉ ମୋ 'ପୁନର୍ବିବାହ' ....।

-ନା, ନା, ମୁଁ ପାରିବିନି । ଦୁଷ୍ମନ୍ତ !!!

-- ସାରା ଜୀବନ ଜଳି ଜଳି ନିଜକୁ ଜାଳି ବଞ୍ଚିବାରେ ସାର୍ଥକତା ନ ଥାଏ, ବାସନ୍ତୀ । ତାଛଡା ତୁମ ଆଗରେ ଯିଏ ଠିଆ ହୋଇଛି ସେ ତୁମକୁ ସ୍ୱାଗତ କରୁଚି।

-କିନ୍ତୁ କାହିଁକି ?

-ଅନ୍ଧ ମାନଙ୍କ ଆଖିରେ ଗୋଟେ ଲେଖା ଚଷମା ପିନ୍ଧେଇ ଜନେଇଁ ଦେବାକୁ ଯେ, ପ୍ରେମ ପବିତ୍ର । ତାଛଡା ଅନେକ ଥର ଗଙ୍ଗାରେ ବୁଡ଼ ପକେଇ ମୁଁ ପବିତ୍ର ହୋଇ ସାରିଛି ତେଣୁ, ମୁଁ ନିଷ୍ପତ୍ତି ନେଇ ସାରିଛି, ତୁମକୁ ମୋ ପାଇଁ ମୋ ସହିତ ବାକି ଜୀବ ବଞ୍ଚିବାକୁ ହେବ । ଆଉ ହଁ ଏଇ ବିବାହକୁ ସ୍ୱୟଂ ରାଜ୍ୟପାଳ ସ୍ୱୀକାର କରି ପ୍ରୋତ୍ସାହନ ଆର୍ଥିକ ସହାୟତା ବି ଦେବେ । ତୁମ ନୀରବତା ମୋତେ ସୁଚେଇ ଦେଉଚି ତୁମେ ମୋତେ କେବେ ବି ଭୁଲି ନ ଥିବ । ସେଦିନ ମୁଁ ଦେଖି ଥିବା ସିନ୍ଦୂର ବିହୀନ ସୀମନ୍ତ, ଫୁଙ୍ଗୁଳା ହସ୍ତ ଆଉ ମଙ୍ଗଳସୂତ୍ର ନ ଥିବା ବେକ ଯେମିତି ମୋ ହାତକୁ ମୋ ସ୍ୱଷ୍ଟବାଦୀ ମନକୁ ଅପେକ୍ଷା କରିଛି । ସେଦିନ ଆଉ ଆଜି କିଛି ଫରକ୍ ନାହିଁ । ଖାଲି ଫରକ୍ ଏତିକି କିଛି ସମୟକୁ ହାତ ଛଡ଼ା କରି ଦେଇଛେ।


ଅନୁତାପର ଲୁହ ଗୁଡାକ ଝରି ପଡୁଥିଲା । କଥା ମୋଡ ବଦଳେଇ ବାସନ୍ତୀ କହିଲେ-ମୋ ଭଳି ବିଧବାକୁ ? ଦୁଷ୍ମନ୍ତ କହିଲେ-ଥାଉ ! ମୁଁ, ଜାଣିଚି ବାସନ୍ତୀ ତୁମେ ଯାହାକୁ ବାହା ହେଇଥିଲ ସେ କେବଳ ଜଣେ ମଦ୍ୟପ ନୁହେଁ, ସେ ସନ୍ତାନ ସୃଷ୍ଟି କରି ନପାରିବା ରୋଗୀଟିଏ ବି । ସେ' ମୋ' ପାଖରେ ଦୀର୍ଘ ଦିନ ଧରି ଚିକିତ୍ସିତ ହେଉଥିଲେ । ଯେତେବେଳେ ସେ ଜାଣିଲେ ମୁଁ କିମ୍ବା ଆଉ କେହି ଚିକିତ୍ସାବିଜ୍ଞାନୀ ତାଙ୍କୁ କେବେ ସୁସ୍ଥ କରି, ତାଙ୍କ ପୌରୁଷତ୍ୱକୁ ଫେରେଇ ପାରିବନି ସେତେବେଳେ ସେ ନିଜେ ଆତ୍ମହତ୍ୟା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ମୁଁ ତାହା କରିବାକୁ ଦେଇ ନଥିଲି ସତ ହେଲେ କଣ ଯେ କେତେବେଳେ ଘଟିବ, ସେ କଥା ଉପରେ ନିର୍ଣ୍ଣିତ ଥିଲି । ମୁଁ ତୁମକୁ ସେତେବେଳେ ଭଲ ପାଉଥିଲି ଆଜି ବି ଭଲ ପାଉଚି । ଏଇ ଦେଖ ! ତୁମ ମଥାରେ କାଲି ବି ସିନ୍ଦୁର ନଥିଲା ଆଉ ଆଜି ବି ତୁମର ସେଇ ଅଭିଆଡୀ ବେଶ । ତୁମର ଯଦି କିଛି ଆପତ୍ତି ନ ଥାଇ ସେଇ ମଥାରେ ମୋ ସିନ୍ଦୁର ଟୋପାଏ ସାରା ଜୀବନ ଧରି ରଖିବାର ପ୍ରତିଶ୍ରୁତି ଦିଅନ୍ତ। ତୁମ ସେ କୁଆଁରୀ ବେଶକୁ ମୁଁ ବଧୁବେଶରେ ସଜେଇ ନିଜ ଫୁଙ୍ଗୁଳା ପଡ଼ିଥିବା ଫୁଲ ଦାନୀରେ ସଜେଇ ରଖନ୍ତି । ସବୁ ଦିନ ଦେଖୁଥାନ୍ତି...

-ହେଲେ ମୁଁ ଗୋଟିଏ ମଉଳା ବାସୀ ଫୁଲ। ତୁମ ଫୁଲ ଦାନୀ ପାଇଁ ଶୋଭା ପାଇବିନି ।

-ଜାଣେ, ତାର ମାଲିକ ମାଳି ଯଦି ରାଜି ତେବେ ତାକୁ ବାସୀ ବୋଲି କହୁଥିବା କି ଭାବୁଥିବା ଲୋକେ ନିର୍ଣ୍ଣିତ ନିର୍ବୋଧ । ତାଛଡା,କାଲି ଭଲ ପାଉଥିବା ଲୋକଟି ଆଜି ତୁମ ଆଗରେ ଠିଆ ହେଇଛି।

ବାସନ୍ତୀ ଦେଖୁଥିଲା ସେ ଆଉ ତାର ମୃତ ପରମ୍ପରା ସଂସ୍କୃତି ଭିତରୁ ଏକ ନବ କଳିକାର ନୂଆ ଉନ୍ମେଷ ଜନ୍ମ ନେଉଛି । ଅଙ୍କୁରି ହେଉଛି ସଂସ୍କାର ସଂସ୍କୃତି ଉପରେ ଏକ ଅଭିନବ ଆଧୁନିକ ସମାଜ। ନବ ପଲ୍ଲବର ଶାଖାରେ ଶାଖାରେ ଭରି ଯାଉଛି ନୂଆ ଏକ ପରମ୍ପରା ପୁଣ୍ୟ ସଂସ୍କୃତିର ଫୁଲ ପସରା । ଦହଗଞ୍ଜି ଜୀବନରୁ ଜନ୍ମ ନେଉଛି ନୂଆ ଏକ ସ୍ୱପ୍ନିଳ ଦୁନିଆଁ।

+ନୀଳାଦ୍ରି ବିହାର, ଭୁବନେଶ୍ୱର



# ଚାଉଳ ଯାଞ୍ଚ ବାହାନାରେ ବର୍ଷକୁ ୧ କୋଟି ଚଳୁ: ବିନା ଯାଞ୍ଚରେ ଗୋଦାମରେ ସିଧାସଳଖ ଅନଲୋଡିଂ



ରାଉରକେଲା, ୨୧/୦୭ (ନି.ପ୍ର): ଚାଉଳ ଯୋଗାଣ ଦୁର୍ନୀତିର ଚେର ଏତେ ଗଭୀର ଯେ ଯେତେ ଖୋଳିଲେ ସେତେ ବାହାରୁଛି। ମିଲ୍‌ରୁ ଚାଉଳ ବାହାରିବାଠାରୁ ହିତାଧିକାରୀଙ୍କ ଘରେ ପହଞ୍ଚିବା ପର୍ଯ୍ୟନ୍ତ, ସବୁକ୍ଷେତ୍ରରେ ବେଆଇନ୍ ପନ୍ଥା ଅବଲମ୍ବନ କରାଯାଉଛି। ଏପରିକି ଗୋଦାମରେ ନିୟୋଜିତ ଶ୍ରମିକଙ୍କ ଟଙ୍କା ହଡ଼ପ କରାଯିବା ଭଳି ସଙ୍ଗିନ ଅଭିଯୋଗ ଆସିଛି।

ଶ୍ରମିକଙ୍କୁ ଚାଉଳର ମାନ ଯାଞ୍ଚ, ଅନଲୋଡିଂ ପାଇଁ ନିୟୋଜିତ କରାଯାଏ। କିନ୍ତୁ ଗୋଦାମ ଭିତରକୁ ଯିବା ପୂର୍ବରୁ ଚାଉଳ ଯାଞ୍ଚ କରାଯାଉ ନଥିବାରୁ ଉକ୍ତ ବାବଦକୁ ଅର୍ଥ ପାଇବାରୁ ଶ୍ରମିକମାନେ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ଉକ୍ତ ଟଙ୍କାକୁ ଠିକାଦାର ଓ ଯୋଗାଣ ବିଭାଗ ଭାଗବାଣ୍ଟି ଚଳୁ କରିନେଉଥିବା ଅଭିଯୋଗ ହେଉଛି।

ସରକାରଙ୍କ ନିୟମ ଅନୁସାରେ, ମିଲ୍‌ରୁ ଚାଉଳ ଆସିଲାପରେ ଗୋଦାମ ଭିତରକୁ ଯିବା ପୂର୍ବରୁ ମାନ ଯାଞ୍ଚ କରିବା ନିତାନ୍ତ ଆବଶ୍ୟକ। ଗୋଦାମ ବାରଣ୍ଡାରେ ଚାଉଳର ମାନ, ରଙ୍ଗ, ଚାଉଳ ଭାଙ୍ଗିଛି ନା ନାହିଁ ଆଦି ଯାଞ୍ଚ ହେବା କଥା। ଏହାସହ ପ୍ରତ୍ୟେକ ବସ୍ତାରେ ୫୦.୫୫୦ କେଜି ଚାଉଳ ଅଛି ନା ନାହିଁ ତାକୁ ଓଜନ କରିବା ବାଧ୍ୟତାମୂଳକ। ଏହି ଯାଞ୍ଚ ପାଇଁ ମିଲ୍ ପକ୍ଷରୁ ଗୋଟିଏ ପର୍ଯ୍ୟାୟ, ୫୬୦ ପ୍ୟାକେଟ ଚାଉଳ ପାଇଁ ୩୬୦୦ ଟଙ୍କା ଦିଆଯାଇଥାଏ। ଏହି କ୍ରମରେ ପ୍ରତି ବସ୍ତା ପିଛା ୬.୪୨ ଟଙ୍କା ଦିଆଯାଏ।

ଚାଉଳର ମାନ ଯାଞ୍ଚପରେ ଗୋଦାମ ଭିତରକୁ ନେଇ ଅନଲୋଡ୍ କରିବା ବାବଦକୁ ୫.୮୦ ଟଙ୍କା ସରକାରଙ୍କ ପକ୍ଷରୁ ଦିଆଯାଇଥାଏ। ଅର୍ଥାତ୍, କେବଳ ଯାଞ୍ଚ ଓ ଗୋଦାମ ଭିତରେ ଅନଲୋଡିଂ ପାଇଁ ପାଖାପାଖି ୧୨ ଟଙ୍କା ଠିକାଦାର ପାଉଛନ୍ତି। କିନ୍ତୁ ଖୋଲାଖୋଲି ଏହି ନିୟମର ଉଲ୍ଲଂଘନ କରାଯାଉଛି। ସଂପୃକ୍ତ ଠିକାଦାର ମିଲ୍‌ରୁ ଆସୁଥିବା ଚାଉଳକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚନକରି ସିଧାସଳଖ ଗୋଦାମ ଭିତରେ ଅନଲୋଡିଂ କରୁଛନ୍ତି। ଫଳରେ ମିଲ୍‌ରୁ ମିଳୁଥିବା ବସ୍ତା ପିଛା ୬.୪୨ ଟଙ୍କାକୁ ଚଳୁ କରିଦେଉଛନ୍ତି।

ଉଲ୍ଲେଖଯୋଗ୍ୟ, ଜିଲ୍ଲାରେ ୯ଟି ଗୋଦାମ ରହିଛି। ସେଗୁଡ଼ିକ ହେଲା ରାଉରକେଲାର ଏସ୍‌ଟିଆଇ ଓ ଏଫ୍‌ସିଆଇ, ବେଦବ୍ୟାସ, ହେମଗିର, ଉଜ୍ଜ୍ୱଳପୁର, ତେଲିଯୋର(ବାଲିଶଙ୍କରା), କୁତ୍ରା, ବେଦବ୍ୟାସ ଓ ବଣାଇଗଡ଼। ପର୍ଯ୍ୟାୟକ୍ରମେ ୨/୩ ମାସରେ ଥରେ ଚାଉଳ ଆସିଥାଏ। ମୋଟାମୋଟି ଭାବେ ଜିଲ୍ଲାକୁ ମାସିକ ୪୦ ହଜାର କ୍ୱିଣ୍ଟାଲ (୮୦ ହଜାର ପ୍ୟାକେଟ୍) ଚାଉଳ ଆସିଥାଏ। ଏହି କ୍ରମରେ ଠିକାଦାର ବସ୍ତାପ୍ରତି ୬.୪୨ ଟଙ୍କା ହିସାବରେ, ମାସିକ ପାଖାପାଖି ୫ ଲକ୍ଷ ୧୪ ହଜାର ଟଙ୍କାକୁ ନିଜ ପକେଟ୍‌ରେ ଭରୁଛନ୍ତି। ଅର୍ଥାତ୍, ବାର୍ଷିକ ପାଖାପାଖି ୬୧/୬୨ ଲକ୍ଷ ଟଙ୍କା ବିନା କାମରେ ଠକି ନେଉଛନ୍ତି। କେବଳ ଏତିକି ନୁହେଁ, ଗୋଦାମରେ ନିୟୋଜିତ ଶ୍ରମିକଙ୍କୁ ସରକାରୀ ନିର୍ଦ୍ଦେଶନାମା ମୁତାବକ ମଜୁରି ଦିଆନଯାଇ ସେମାନଙ୍କୁ ବି ଶୋଷଣ କରାଯାଉଛି। ଗୋଦାମ ଭିତରେ ଅନଲୋଡିଂ ପାଇଁ ନିୟୋଜିତ ଶ୍ରମିକଙ୍କୁ ୫.୮୦ ଟଙ୍କା ଦିଆଯିବା କଥା। କିନ୍ତୁ ରାଉରକେଲାରେ କେବଳ ଶ୍ରମିକଙ୍କୁ ୪ଟଙ୍କା ଲେଖାଏ ଦିଆଯାଉଥିବାବେଳେ ଅନ୍ୟ ସବୁ ଗୋଦାମରେ ୩/୩.୫୦ ଟଙ୍କା ଦିଆଯାଉଛି।

ଏହାଦ୍ୱାରା ଠିକାଦାର ବସ୍ତା ପ୍ରତି, ଦେଢ଼ରୁ ୨ ଟଙ୍କା ଲେଖାଏ ବସ୍ତାପିଛା ଲାଭ ରଖୁଛନ୍ତି। ଏହି କ୍ରମରେ, ମାସିକ ୮୦ ହଜାର ପ୍ୟାକେଟ୍ ଚାଉଳ ଅନଲୋଡିଂ ବାବଦକୁ ପାଖାପାଖି ଦେଢ଼ରୁ ୨ ଲକ୍ଷ ଟଙ୍କା ଲୁଟିନେଉଛନ୍ତି। ମୋଟାମୋଟିଭାବେ ଚାଉଳର ମାନ ଯାଞ୍ଚ କରାନଯିବା ଓ ଗୋଦାମ ଭିତରେ ଅନଲୋଡିଂ ବାବଦକୁ, ବାର୍ଷିକ ଅନ୍ୟୁନ ୧ କୋଟି ଟଙ୍କାର ଦୁର୍ନୀତି ହେଉଛି।

ଏହି ଦୁର୍ନୀତିରେ କେବଳ ସଂପୃକ୍ତ ଠିକାଦାର ନୁହନ୍ତି, ବରଂ ଯୋଗାଣ ବିଭାଗର କିଛି ଅଧିକାରୀ, ମିଲ୍ କର୍ତ୍ତୃପକ୍ଷ ମଧ୍ୟ ଜଡ଼ିତଥିବା କହାଯାଉଛି। କାରଣ, ମିଲ୍‌ରୁ ଚାଉଳ ଆସିଲାପରେ ବାରଣ୍ଡାରେ ତା'ର ଯାଞ୍ଚ କରିବା ହେଉଛି କ୍ୱାଲିଟି ଅଫିସର, ଯୋଗାଣ ନିରୀକ୍ଷକଙ୍କ ଦାୟିତ୍ୱ। ଯାଞ୍ଚ କରାନଯିବା ପଛରେ ଏହି ସରକାରୀ ଅଧିକାରୀଙ୍କ ପରୋକ୍ଷ ସହଯୋଗ ରହୁଥିବା ଅଭିଯୋଗ ହେଉଛି। ଏ ସଂପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସ୍ରା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ସରକାରୀ ନିୟମ ଅନୁସାରେ ଗୋଦାମ ବାହାରେ ଚାଉଳ ଅନ୍‌ଲୋଡ୍ ହୋଇ ମାନ ଯାଞ୍ଚ ହେବା କଥା। ଯଦି ଏଭଳି ହେଉ ନାହିଁ ତା'ହେଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଏ ସଂପର୍କରେ ସଂପୃକ୍ତ ଶ୍ରମିକ ବା ଅନ୍ୟ କେହି ଆମକୁ ଅଭିଯୋଗ ବା ଦୃଷ୍ଟି ଆକର୍ଷଣ କରି ନାହାନ୍ତି। ତଥାପି ଏହାର ଯାଞ୍ଚ କରି ପଦକ୍ଷେପ ନେବୁ ବୋଲି ଶ୍ରୀ ବେସ୍ରା କହିଛନ୍ତି।

# ସବୁଜ ବାହିନୀ ତରଫରୁ ଆଲୋଚନା ଚକ୍ର ଓ ଚାରାରୋପଣ

ମାଲକାନଗିରି, ୨୧/୦୭ (ନି.ପ୍ର): ମାଲକାନଗିରି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଠାରେ ସବୁଜ ବାହିନୀ ତରଫରୁ ଆଲୋଚନା ଚକ୍ର ସହିତ ଚାରାରୋପଣ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଡ଼ଃ. ମହମ୍ମଦ ଅବିଦ ହୁସେନ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ, ସବୁଜ ବାହିନୀ ଅଧିକାରୀ ମାଲକାନଗିରି ମହାବିଦ୍ୟାଳୟ ତଥା ବିଦ୍ୟାଳୟର ଉପାଧ୍ୟକ୍ଷ ଶଶଧର ପାଣିଗ୍ରାହୀଙ୍କ ପୌରହିତ୍ୟରେ ଚାରା ରୋପଣ କରାଯାଇଥିଲା । 'ମା ପାଇଁ ଗଛଟିଏ' ଲଗାଇବା ପାଇଁ ପିଲାମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଏ କାର୍ଯ୍ୟକୁ ମାଲକାନଗିରି ବନବିଭାଗ ତରଫରୁ ମାଗଣାରେ ଚାରା ଯୋଗାଇ ଦିଆଯାଇଥିଲା । 'ଗଛଟିଏ, ପିଲାଟିଏ' ଭବିଷ୍ୟତ ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ସ୍ଲୋଗାନ ଦିଆଯାଇଥିଲା । ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ଜଳବାୟୁ ପରିବର୍ତ୍ତନ ବିଷୟରେ ଜାଣିବା ସହିତ ବୃକ୍ଷର ସୁରକ୍ଷା ଦାୟୀତ୍ୱ ନେବାପାଇଁ ଏକ ଶପଥ ପାଠ କରାଯାଇଥିଲା । ବିଦ୍ୟାଳୟର ହିନ୍ଦୀ ଶିକ୍ଷିକା ଡ଼ଃ ଶାରଳା କୁମାରୀ, ସଂଗୀତ ଶିକ୍ଷିକା ପୂଜା ଜାଙ୍ଗଡ଼ା, ହିନ୍ଦୀ ଶିକ୍ଷକ ମହେଶ ପଂଚାରୀୟା, ତେଜସ୍ୱୀ ବେହେରା, ଜଗନ୍ନାଥ ପାଣିଗ୍ରାହୀ, ଦୀପାରାଣୀ ମଲ୍ଲିକ, ସୁବାଷ ଶାକ୍ୟ, ଅଶ୍ରୁମୋଚନ ମହାନ୍ତି, ମୋନୁ ପଟେଲ, ହୁସେନ ମହମ୍ମଦ ଅକତାର ଆଜମ୍, ରାହୁଲ ଚନ୍ଦ୍ର ସାହା ଅନ୍ୟାନ୍ୟ ସହାୟତା କରିଥିଲେ । ପରିଶେଷରେ ଇଂରାଜୀ ଶିକ୍ଷକ ବଶିଷ୍ଠ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ପକ୍ଷରୁ ଭାର ଉତ୍ତୋଳନକାରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୧/୦୭ (ନି.ପ୍ର): କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ୍ ପକ୍ଷରୁ ଜାତୀୟ ସ୍ତର ଭାର ଉତୋଳନକାରୀଙ୍କୁ ସମ୍ବର୍ଦ୍ଧନା ଓ ସହାୟତା ରାଶି ପ୍ରଦାନ କରାଯାଇଛି । ସୋସାଇଟ୍ ର ମୁଖ୍ୟ କାର୍ଯ୍ୟାଳୟ ଠାରେ ଭାର ଉତୋଳନ କାରୀ ରୋନିତ ରୋଶନ ସ୍ୱାଇଁ ମଧ୍ୟପ୍ରଦେଶର ଉଜୟିନୀ ଠାରେ ଜାତୀୟ ଭାର ଉତୋଳନ ଫେଡେରେଶନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ୬୨ କିଲୋ ବର୍ଗ(୪୬୦ କିଲୋ) ଭାର ଉତୋଳନ କରି ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସୋସାଇଟ୍ ର ସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସଂପାଦକ ପ୍ରହଲ୍ଲାଦ ସାହୁ, ଅତିରିକ୍ତ ସଂପାଦକ ଅରବିନ୍ଦ ସାହୁ, ମୁଖ୍ୟ ମ୍ୟାନେଜର ମନୋଜ ସାହୁ ପ୍ରମୁଖ ଉପସ୍ଥିତ ରହି ରୋନିତ ରୋଶନ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ଏବଂ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଭାର ଉତୋଳନ କାରୀ ଶ୍ରୀ ସ୍ୱାଇଁଙ୍କର ମା ଚାନ୍ଦିନୀପ୍ରଭା ସ୍ୱାଇଁ, ବାପା ନିର୍ମଳ ସ୍ୱାଇଁଙ୍କ ସହ ବ୍ରହ୍ମାନନ୍ଦ ମହାକୁଳ ପ୍ରମୁଖ ଉପସ୍ଥିତ ଥିଲେ । ସମିତିର ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଂଚଳରେ ବେଶ୍ ପ୍ରଶଂସା କରାଯାଇଛି ।

# ପୋଲ ତଳୁ ମଣିଷ କଙ୍କାଳ ଉଦ୍ଧାର



କୋଇଡ଼ା, ୨୧/୦୭ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଅଧୀନସ୍ଥ ଜାତୀୟ ରାଜପଥ ପୋଲ ତଳୁ ଆଜି ଏକ ମଣିଷ କଙ୍କାଳ ଜବତ ହୋଇଛି। ଖବର ପାଇ ଘଟଣାସ୍ଥଳରେ କୋଇଡ଼ା ପୁଲିସ୍ ଓ ରାଉରକେଲା ଫୋରେନସିକ୍ ଟିମ୍ ପହଞ୍ଚି ଅନୁଧ୍ୟାନ କରିଥିଲେ। ପୁଲିସ କଙ୍କାଳ ଉଦ୍ଧାର କରି ପ୍ରାଥମିକ ପର୍ଯ୍ୟାୟରେ ଏକ ଅପମୃତ୍ୟୁ ମାମଲା ୧୬/୨୦୧୪ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ କଙ୍କାଳ ଉଦ୍ଧାର ସମୟରେ ନିକଟରେ ଏକ ବ୍ୟାଗ୍ ପଡ଼ି ଥିବା ଦେଖିବାକୁ ମିଳିଥିଲା। ଉକ୍ତ ବ୍ୟାଗ୍‌ରୁ କୋଇଡ଼ା ବ୍ଲକ୍ କୁସୁମଡିହି ଗ୍ରାମର ମନୋଜ ପାସୱାନ(୮୦)ଙ୍କର ଆଧାର କାର୍ଡ ମିଳିଥିଲା। ସୂଚନାଅନୁଯାୟୀ ମନୋଜ ପାସୱାନ ଛତିଶଗଡ଼ରୁ ଚାଳକ ଭାବେ ଆସି କୁସୁମଡିହିରେ ବହୁ ବର୍ଷ ଧରି ଏକୁଟିଆ ରହି ଆସୁଥିଲେ। ଏହି କଙ୍କାଳଟି ମନୋଜଙ୍କର ନା ଆଉ କାହାର ତାହା ଫୋରେନ୍‌ସିକ୍ ପରୀକ୍ଷା ପରେ ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଥିଲେ।

# ଶୀତ ପରେ ବି ରହିଗଲେ ୧୨୦୦ କ୍ୟାଟେଲ୍ ଏଗ୍ରେଟ୍: କୋରାପୁଟ ସହରର ୫ ଗଛରେ ବାନ୍ଧିଛନ୍ତି ବସା

କୋରାପୁଟ, ୨୧/୦୭ (ନି.ପ୍ର): ଶୀତ ପରେ ଏସିଆ, ଆଫ୍ରିକା, ୟୁରୋପ ନ ଫେରି କୋରାପୁଟ ଜଳବାୟୁକୁ ପସନ୍ଦ କରିଛନ୍ତି ୱେଷ୍ଟର୍ଣ୍ଣ କ୍ୟାଟେଲ୍ ଏଗ୍ରେଟ୍ ପକ୍ଷୀ। ୧୨୦୦ରୁ ଉର୍ଦ୍ଧ୍ୱ ଏହି ବିରଳ ପକ୍ଷୀ କୋରାପୁଟ ଜଳବାୟୁ ସହ ଖାପଖୁଆଇ ୫ଟି ଗଛରେ ବସା ବାନ୍ଧିଛନ୍ତି। ପକ୍ଷୀଙ୍କ କଳରବରେ ଏବେ ଫାଟି ପଡୁଛି କୋରାପୁଟ ସହରର ରାଉଳ ଶିବ ମନ୍ଦିର ଅଞ୍ଚଳ। ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ନିୟୋଜିତ ହୋଇଛନ୍ତି ବନ ବିଭାଗର ସ୍ୱତନ୍ତ୍ର ଟିମ୍। ଖଣି ଖନନ, ଜଙ୍ଗଲ କ୍ଷୟ ସାଙ୍ଗକୁ କଂକ୍ରିଟ୍ ଜଙ୍ଗଲ ଦ୍ରୁତ ଗତିରେ ବଢୁଥିବାରୁ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଆସିଛି। ପୂର୍ବ ଭଳି ଆଉ ବିଦେଶ ପକ୍ଷୀ କୋରାପୁଟ ମୁହାଁ ହେଉନଥିବା ବେଳେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଶୀତଦିନରେ ଉପରୋକ୍ତ ପ୍ରକାର ପକ୍ଷୀ କୋରାପୁଟ ଅଭିମୁଖେ ଆସିଥାନ୍ତି। ଏମା ?ନେ ଶୀତ ପୂର୍ବରୁ ଆସି ମାର୍ଚ୍ଚ ଶେଷ ଆଡ଼କୁ ପ୍ରାୟ ୯ ହଜାର କିଲୋମିଟର ବାଟ ଅତିକ୍ରମ କରି ଫେରି ଯାଇଥାନ୍ତି। ପୂର୍ବରୁ ଏହି ପକ୍ଷୀଙ୍କୁ ପ୍ରାୟତଃ ଶୀତଦିନରେ କୋରାପୁଟରେ ଦେଖିବାକୁ ମିଳୁଥିଲା। ଚଳିତ ବର୍ଷରୁ ସ୍ଥାୟୀ ଭାବେ ରହିବାକୁ ଲାଗିଲେଣି। ଗନ୍ତବ୍ୟସ୍ଥଳକୁ ଫେରୁନଥିବା ୧୨୦୦ ପକ୍ଷୀ ୫ଟି ଗଛରେ ବସାବାନ୍ଧି ରହିଛନ୍ତି। ବସା ପାଇଁ ପକ୍ଷୀମାନେ ଖରା ଦିନେ ଘାସ ଓ ନଡ଼ା ବ୍ୟବହାର କରୁଥିବା ବେଳେ ବର୍ଷା ଦିନରେ ଅନାବନା କାଠିରେ ବସା ବାନ୍ଧିଥିବା ଦେଖିବାକୁ ମିଳିଛି। ରାଉଳ ଶିବ ମନ୍ଦିର ଅଞ୍ଚଳରେ ଥିବା ଗୋଟିଏ ପଣସ ଗଛ, ତିନିଟି ତେନ୍ତୁଳି ଗଛ ଓ ଗୋଟିଏ ଆମ୍ବଗଛରେ ବସା ବାନ୍ଧିଛନ୍ତି ୱେଷ୍ଟର୍ଣ୍ଣ କ୍ୟାଟେଲ ଇଗ୍ରେଟ୍ ବା ବୁବୁଲକୁସ୍ ପକ୍ଷୀ। ସକାଳୁ ସଞ୍ଜଯାଏଁ ପକ୍ଷୀଙ୍କ କଳରବ ଏହି ଅଞ୍ଚଳରେ ଦେଖିବାକୁ ମିଳୁଛି। ଡେଙ୍ଗା



ଗୋଡ଼, ଡେଙ୍ଗା ବେକ ଓ ଧଳା ଶରୀର ସହ ଈଷତ ହଳଦୀଲାଲ୍ ରଙ୍ଗର ଥଣ୍ଟ ରହିଛି ଏହି ପକ୍ଷୀଙ୍କର। ଏହି ପକ୍ଷୀମାନେ ମଧୁର ଜଳାଶୟରେ ବିଚରଣ କରିଥାନ୍ତି। ସାଧାରଣତଃ ଏମାନେ ଉଷ୍ମ ସ୍ଥାନରେ ରହିବାକୁ ପସନ୍ଦ କରୁନଥିବାରୁ ଋତୁ ଅନୁସାରେ ସ୍ଥାନ ବଦଳାଇଥାନ୍ତି। କୋରାପୁଟର ରାଉଳ ଶିବ ମନ୍ଦିର ଅଞ୍ଚଳରେ ଗଛ ଭର୍ତ୍ତି ହୋଇଥିବାରୁ ଖରାର ପ୍ରକୋପ ଏଠାରେ ପଡୁନି। ଥଣ୍ଡା ଜଳବାୟୁ ସାଙ୍ଗକୁ ବର୍ଷା କାରଣରୁ ୱେଷ୍ଟର୍ଣ୍ଣ କ୍ୟାଟେଲ୍ ଏଗ୍ରେଟ୍ ପକ୍ଷୀ ଏହି ଅଞ୍ଚଳକୁ ବାସସ୍ଥାନ ଭାବେ ବାଛି ନେଇଥିବା କହିଛନ୍ତି ବନ ବିଭାଗ କର୍ତ୍ତୃପକ୍ଷ।

# ମଙ୍ଗଳ ପାଣ୍ଡେଙ୍କ ଜନ୍ମଦିବସରେ ବୃକ୍ଷ ରୋପଣ

ମାଲକାନଗିରି, ୨୧/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପରିସରରେ ଶହୀଦ ମଙ୍ଗଳ ପାଣ୍ଡେଙ୍କର ସ୍ମୃତି ଅବସରରେ ୭୫ତମ ବନ ମହୋତ୍ସବ ପାଳନ କରିବା ସହିତ କଦମ, ନଡ଼ିଆ, ନିମ୍ବ ଇତ୍ୟାଦି ଚାରା ଅତିଥିଙ୍କ ଦ୍ୱାରା ରୋପଣ କରାଯାଇଛି । ମୁଖ୍ୟ ଅତିଥି ରୂପେ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ ଯୋଗଦାନ କରି ସ୍ୱାଧୀନତା ସଂଗ୍ରାମୀ ମଙ୍ଗଳ ପାଣ୍ଡେଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଭାର ପ୍ରାପ୍ତ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ଆୟୋଜନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି 'ମା ପାଇଁ ଗଛଟିଏ' ଲଗାଇବା ପାଇଁ ଉପସ୍ଥିତ ଅତିଥି ମାନଙ୍କୁ ଉଦବୋଧନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରବୀନ୍ଦ୍ରନାଥ ମହାରଣା, ଅବସର ପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଜିର ପରିବେଶରେ ଗଛର ଯତ୍ନ ନେବା ଅତି ଆବଶ୍ୟକ ହୋଇଛି ବୋଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଜିତ କୁମାର ବିଶ୍ୱାସ, ରାମନାଥ ମୁଦୁଲୀ, ଦ୍ରୋଣାଚାର୍ଯ୍ୟ ସୁନାନୀ,ବିଜୟ ମାଝି, ରାମ ନାୟକ ଉପସ୍ଥିତ ରହି ଉତ୍ସାହିତ କରିବା ସହିତ ସମସ୍ତେ ଗୋଟିଏ ଲେଖାଁଏ ଗଛ ଲଗାଇଥିଲେ ।

# ସରକାରୀ ବିଦ୍ୟାଳୟରେ ଆତଙ୍କ: ୧୪ ଦିନରେ ୭ଥର ବିଷାକ୍ତ ସାପ ଦେଖିଲେଣି ଛାତ୍ରଛାତ୍ରୀ




ଝରିଗାଁ, ୨୧/୦୭ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ କରମରୀସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖା ଦେଇଛି ବିଷାକ୍ତ ସାପ ଆତଙ୍କ। ବିଦ୍ୟାଳୟ ଚାରି ପାଖ ପ୍ରଶାସନ ପକ୍ଷରୁ ପାଚେରୀ ନିର୍ମାଣ ହୋଇଥିବା ବେଳେ ସାମ୍ନାରେ ଏବଂ ପଛରେ ଗେଟ ନିର୍ମାଣ ହୋଇଛି। ତେଣୁ ବିଷାକ୍ତ ସାପ ବିଦ୍ୟାଳୟ ପରିସରରେ ବାସ କରୁଥିବା ଅନୁମାନ କରାଯାଉଛି। ଗତ ୧୪ ଦିନ ମଧ୍ୟରେ ବିଦ୍ୟାଳୟ ପରିସରରେ ୭ ଥର ବିଷାକ୍ତ ସାପ ଦେଖି ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଭୟଭୀତ ଅବସ୍ଥାରେ ଅଛନ୍ତି। ସୂଚନା ପ୍ରକାରେ କରମରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠ ପଢୁଛନ୍ତି। ବିଦ୍ୟାଳୟରେ ମୋଟ ୪୩୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେହିପରି ଶହଶହ ଛାତ୍ରୀ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଗତ ୧୪ ଦିନ ମଧ୍ୟରେ ପ୍ରାୟ ୭ଟି ବିଷାକ୍ତ ସାପ ବିଦ୍ୟାଳୟ ପରିସରରେ ଦେଖିବା ପରେ ସୁରକ୍ଷିତ ଅବସ୍ଥାରେ ସାପ ଗୁଡ଼ିକୁ ବାହାର କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ସାପ ଆତଙ୍କ ଦେଖିବା ପରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। କିନ୍ତୁ କୌଣସି ସୁଫଳ ମିଳିନଥିଲା। ତେଣୁ ବନ ବିଭାଗ ପକ୍ଷରୁ ତୁରନ୍ତ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ବେଆଇନ ଭାବେ କରିଥିବା ଦୋକାନୀଙ୍କୁ ନୋଟିସ

କୋରେଇ, ୨୧/୦୭ (ନି.ପ୍ର): ବିଶେଷ କରି ୧୬ ନମ୍ବର ଓ ୨୦ ନମ୍ବର ରାଜପଥର ରାସ୍ତାକଡରେ ବା ରାସ୍ତାକୁ ଲାଗି ହୋଇଛି ଦୋକାନ । ଯାହା ଫଳରେ ସେଠାରେ ବେଆଇନ ଭାବେ ଅଟକି ରହୁଛି ଗାଡି । ଯାହା ଫଳରେ ଏହା ଦୁର୍ଘଟଣାର କାରଣ ସାଜିବା ସହ ଧନ ଜୀବନ ହାନୀର ପ୍ରମୁଖ କାରଣ ପାଲଟିଛି । ଫଳରେ ବେଆଇନ ଭାବେ ଦୋକାନ ଓ ବେଆଇନ ଗାଡି ପାର୍କିଂଗ ଉପରେ ଲାଗିଛି ଜିଲ୍ଲା ପ୍ରଶାସନ ନୋଟିସ । ଏନେଇ ଆଜି ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରା ଜାରୀ ହୋଇଥିବା ନୋଟସକୁ ରାଜପଥ ପୋଟ୍ରୋଲିଂଗ ପୁଲିସ ରାସ୍ତା ପାର୍ଶ୍ୱ ଦୋକାନରେ ମାରିବା ସହ ସେମାନଙ୍କୁ ସର୍ତକ ଓ ସଚେତନ କରାଇଛି । ବେଆଇନ ପାର୍କିଂଗ ହେଲେ ଏଥି ପ୍ରତି ସମ୍ପୃକ୍ତ ବ୍ୟବସାୟୀଙ୍କୁ ଦାୟୀ କରାଯିବ । ଫଳରେ ରାସ୍ତା କଡରେ ବେଆଇନ ଭାବେ ବ୍ୟବସାୟ କୁରୁଥିବା ବ୍ୟକ୍ତିଙ୍କୁ ଝଟକା ଲାଗିଛି ।

# ଆରଏମ୍‌ସି ମାଡ଼ିବସିଛି ସରକାରୀ କଲେଜ ଜମି: ସ୍ଥାନାନ୍ତର ହୋଇପାରୁନି ଯୁକ୍ତ ଦୁଇ କଲେଜ

ରାଉରକେଲା, ୨୧/୦୭ (ନି.ପ୍ର): ପାନପୋଷ ବ୍ୟବସାୟୀଙ୍କୁ ଅସ୍ଥାୟୀ ଦୋକାନ ଦେବା ନାଁରେ ସରକାରୀ ସ୍ୱୟଂଶାସିତ କଲେଜ ଜାଗାକୁ ମାଡ଼ିବସିଛି ରାଉରକେଲା ମହାନଗର ନିଗମ (ଆରଏମ୍‌ସି)। ପ୍ରାୟ ୭ ଏକର ପରିମିତ ମୂଲ୍ୟବାନ ଜମି ଆରଏମ୍‌ସି ଅଧୀନରେ ରହିଛି। ଥଇଥାନ ହୋଇଥିବା ପାନପୋଷ ବ୍ୟବସାୟୀଙ୍କୁ ନୂଆ ମାର୍କେଟକୁ ସ୍ଥାନାନ୍ତର କରିବାପରେ ମଧ୍ୟ ଆରଏମ୍‌ସି ଉକ୍ତ ଜାଗାକୁ ଖାଲି କରୁନାହିଁ। ବରଂ ଦାୟିତ୍ୱରେ ଥିବା ଆରଏମ୍‌ସିର କିଛି ଅଧିକାରୀ ଏହି ଜାଗାରେ ଶହଶହ ଦୋକାନ ଖୋଲିବାକୁ ଅନୁମତି ଦେଇଛନ୍ତି। ଗତ ପ୍ରାୟ ୪ ବର୍ଷ ମଧ୍ୟରେ ଏହି ଜାଗାରେ ଗଢ଼ି ଉଠିଛି ୩୦୦ରୁ ଅଧିକ ବେଆଇନ ଦୋକାନ। କେବଳ ଏତିକି ନୁହେଁ ଏହି ଜାଗାରେ ଆରଏମସିର ଶୀତଳ ଭଣ୍ଡାର, ସୁଲଭ ଶୌଚାଳୟ, ଅଟୋଷ୍ଟାଣ୍ଡ ଓ ସ୍ଥାୟୀ ପରିବାପିଣ୍ଡି ନିର୍ମାଣ କରାଯାଇଛି। ନିକଟରେ ଏହି ପରିବାପିଣ୍ଡିକୁ ଆରଏମ୍‌ସି ପକ୍ଷରୁ ନିଲାମ କରାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ୩୦୦ରୁ ଅଧିକ ଦୋକାନୀଙ୍କଠାରୁ ଆରଏମ୍‌ସି ଟଙ୍କାଟିଏ ମଧ୍ୟ ଟିକସ୍ ଆଦାୟ କରୁନାହିଁ ବୋଲି ଉପାୟୁକ୍ତ ଅନିତା



ନାୟକ କହିଛନ୍ତି। ତେବେ ଜବରଦଖଲକାରୀଙ୍କଠୁ ପ୍ରତିମାସ ଆଦାୟ ହେଉଥିବା ଲକ୍ଷଲକ୍ଷ ଟଙ୍କା ଆରଏମ୍‌ସିର କେଉଁ ଅଧିକାରୀଙ୍କ ପକେଟକୁ ଯାଉଛି, ତାହା ତଦନ୍ତ ସାପେକ୍ଷ। ଜାଗା ଖାଲି ହେଉନଥିବାରୁ କଲେଜର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ ୫ଟି ସଚିବ ଭିକେ ପାଣ୍ଡିଆନଙ୍କୁ ପୋଷ୍ଟକାର୍ଡ ପଠାଇଥିଲେ। ଏଥିସହ ରାଜନୈତିକ ଦଳର ପ୍ରତିନିଧି ମଧ୍ୟ ଆରଏମ୍‌ସି କମିସନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କେହି ଏଥିପ୍ରତି କର୍ଣ୍ଣପାତ କରି ନଥିଲେ। ସରକାର ବଦଳିବା ପରେ ଜାଗାକୁ ଖାଲି କରିବାକୁ ବିଭିନ୍ନ ମହଲରୁ ଦାବି ଜୋରଧରିଛି। କାରଣ ଆସନ୍ତା ଦିନରେ ସରକାରୀ କଲେଜକୁ ବିଶ୍ୱବିଦ୍ୟାଳୟ କରାଯିବାର ପ୍ରସ୍ତାବ ରହିଛି। ସ୍ୱୟଂଶାସିତ କଲେଜ କ୍ୟାମ୍ପସ ପରିସରସ୍ଥ ଯୁକ୍ତଦୁଇ କଲେଜକୁ ପୃଥକ କରିବାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଆସିଛି। ପିଲାଙ୍କସଂଖ୍ୟା ବଢୁଥିବାରୁ ଅନ୍ୟାନ୍ୟ ପ୍ରକଳ୍ପ କରାଯିବାର ମଧ୍ୟ ଯୋଜନା ରହିଛି। ଏସବୁ ଦୃଷ୍ଟିକୋଣରୁ ଆରଏମ୍‌ସି ମାଡ଼ିବସିଥିବା କଲେଜ୍‌ର ଜମିକୁ ଖାଲି କରିବା ଜରୁରୀ ହୋଇପଡ଼ିଛି। ଆରଏମ୍‌ସି ଉପାୟୁକ୍ତ ଅନିତା ନାୟକ କହିଛନ୍ତି, ସେଠାରେ ୧୫୦ ଦୋକାନୀଙ୍କୁ ଅସ୍ଥାୟୀ ଥଇଥାନ କରାଯାଇଥିଲା। ୧୧୫ ଦୋକାନୀଙ୍କୁ ନୂଆ ମାର୍କେଟକୁ ସ୍ଥାନାନ୍ତର କରାଯାଇଛି। ମାତ୍ର ୩୫ ଦୋକାନୀ ଏବେ ସେଠାରେ ଅଛନ୍ତି। ଅନ୍ୟ ଦୋକାନୀମାନଙ୍କୁ ଆରଏମ୍‌ସି ଥଇଥାନ କରିନାହିଁ। ୩୫ ଦୋକାନୀଙ୍କୁ ନୂଆ ମାର୍କେଟକୁ ସ୍ଥାନାନ୍ତର କରିବାପରେ ବିଭାଗୀୟ ଉଚ୍ଚ ଅଧିକାରୀ ଯାହା ନିଷ୍ପତ୍ତି ନେବେ, ତାହା କରାଯିବ। କେବଳ ଅସ୍ଥାୟୀ ପରିବା ହାଟ କରାଯାଇଛି। ସରକାରୀ ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରା କହିଛନ୍ତି, ୨୦୦୫ରେ ଲ୍ୟାଣ୍ଡ ଆଲଟମେଣ୍ଟ କମିଟି କଲେଜକୁ ପ୍ରାୟ ୩୫ ଏକର ଜାଗା ଦେଇଥିଲେ। ଏଥି ମଧ୍ୟରୁ ମାତ୍ର ୧୨ ଡେସିମଲ୍ ଜାଗାରେ ପାଣିଟାଙ୍କି ତିଆରି ପାଇଁ ୱାଟ୍‌କୋକୁ ଦିଆ ଯାଇଥିଲା। ୨୦୧୯ରେ ୭ ଏକର ଜାଗାରେ ଆରଏମ୍‌ସି ପାନପୋଷର ୧୫୦ ଦୋକାନୀଙ୍କୁ ଥଇଥାନ କରିଥିଲେ। ନୂଆମାର୍କେଟକୁ ଯିବାପରେ ମଧ୍ୟ ଜାଗାକୁ ଖାଲି କରାଯାଉ ନାହିଁ। ଏହି ଜାଗା ଖାଲି କରାନଗଲେ ଭବିଷ୍ୟତରେ କଲେଜର ବିକାଶମୂଳକ କାମ ପାଇଁ ସ୍ଥାନାଭାବ ଦେଖାଦେବ। ଅର୍ଥ ଆସିଲେ ମଧ୍ୟ କାମ ହୋଇପାରିବ ନାହିଁ। କଲେଜ ଜାଗା, କଲେଜ ଅଧୀନରେ ରହିଲେ ଭଲ ବୋଲି ଡ. ବେହେରା ମତ ରଖିଛନ୍ତି।

# ରାଜ୍ୟପାଳଙ୍କ ଇସ୍ତଫା ଓ ପୁଅ ଲଳିତ କୁମାରଙ୍କ ଗିରଫ ଦାବିକଲା ସିପିଏମ୍

ଜଳେଶ୍ୱର , ୨୧/୭ (ନି.ପ୍ର): ଗତ ଜୁଲାଇ ୭ ତାରିଖରେ ଓଡିଶା ରାଜ୍ୟପାଳଙ୍କ ପୁଅ ଲଳିତ କୁମାର ଓ ତାଙ୍କ ୫ଜଣ ସହଯୋଗୀ କର୍ତ୍ତବ୍ୟରତ ଏଏସ୍ଓ ବୈକୁଣ୍ଠ ପ୍ରଧାନଙ୍କୁ ମାଡ ମାରିବା, ଜୀବନରୁ ମାରିଦେବା ଧମକ୍ ଓ ଅସୌଜନ୍ୟ ବ୍ୟବହାର କରିଥିବାରୁ ତାଙ୍କର ଗିରଫ ଦାବି ଏବଂ ରାଜ୍ୟପାଳ ଉକ୍ତ ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ନିର୍ଦ୍ଦେଶ ଦେଇନଥିବାରୁ ସେ ଇସ୍ତଫା ଦିଅନ୍ତୁ ବୋଲି ସିପିଏମ୍ ଦାବି କରିଛି । ଆଜି ଜଳେଶ୍ୱର ସିପିଏମ୍ ଶାଖା ପକ୍ଷରୁ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲିପ କୁମାର ସାହୁଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛି । ଘଟଣାର ୧୪ଦିନ ବିତିଯାଇଥିଲେ ମଧ୍ୟ ପୁଲିସ୍ ଏତାଲାକୁ ଗ୍ରହଣ ନ କରିବା, ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନହୋଇ ଏଏସ୍ଓ ଶ୍ରୀ ପ୍ରଧାନଙ୍କୁ ବଦଳି କରିବା, ଓ ରାଜ୍ୟପାଳ ନିଜ ପୁଅକୁ ଘଣ୍ଟ ଘୋଡାଇବା, ସର୍ବୋପରି ଗୃହବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନିରବ ରହିବା ଯୋଗୁଁ ସମଗ୍ର ରାଜ୍ୟରେ କଳଙ୍କିତ ଅଧ୍ୟାୟ ସୃଷ୍ଟି ହୋଇଛି । କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନଥିବାରୁ ଜଳେଶ୍ୱର ସିପିଏମ୍ କମିଟି ସଂପାଦକ ଦିଲ୍ଲିପ ଗିରି, ଦିପ୍ତିମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ରବିନ୍ଦ୍ର ବାରିକ, ଚନ୍ଦନ କାମିଲା, ଜୀବନ ପରିଡା, ସବିତା ଭୂୟାଁ, ସସ୍ମିତା ପ୍ରମାଣିକ, ଚନ୍ଦନ ଶତପଥି ଓ ଲକ୍ଷ୍ମୀଧର ପଲାଇ ପ୍ରମୁଖ ଏସ୍‌ଡିପିଓଙ୍କୁ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଦୁରାରୋଗ୍ୟ କ୍ୟାନ୍ସର ସହ ଯୁଝୁଛନ୍ତି ଗୌରୀ: ପୀଡ଼ିତାଙ୍କୁ ସହାୟତାର ହାତ ବଢ଼ାଇଲେ 'ଆମ ଭାଇଚାରା ସଂଗଠନ'



ନୀଳଗିରି: ନୀଳଗିରି ଉପକଣ୍ଠ ବିରୁଆଁ ପଂଚାୟର ସାହାଜିପାଟଣା ଗ୍ରାମର ଚନ୍ଦନ ମହାରଣାଙ୍କ ସ୍ତ୍ରୀ ଗୌରୀ ମହାରଣା(୫୭) ଦୀର୍ଘ ମାସ ହେବ କ୍ୟାନ୍ସର ରୋଗରେ ପୀଡ଼ିତ ଥାଇ ବିଭିନ୍ନ ସରକାରୀ ଓ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେବାପରେ ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହିଛନ୍ତି । ତାଙ୍କ ପରିବାର ଗରିବ ଶ୍ରେଣୀରେ ହୋଇଥିବା ବେଳେ ଏତେ ଗୁଡ଼ାଏ ଟଙ୍କା ଯୋଗାଡ଼ କରିବା ସମ୍ଭବ ପର ନୁହଁ । ଅର୍ଥ ବାଧକ ସାଜିଥିବା ବେଳେ ବିରୁଆଁ ଅଞ୍ଚଳର ଆମ ଭାଇଚାରା ସଂଗଠନ ପକ୍ଷରୁ ଖବର ପାଇ ଆଜି ତାଙ୍କ ଘରକୁ ଯାଇ ସହାୟତାର ହାତ ବଢ଼ାଇଛନ୍ତି । ସଂଗଠନର ସଭାପତି ବିଜୟ କୁମାର ମହାରଣା, ସହିତ ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ରହି କିଛି ଆର୍ଥିକ ରାଶି ଓ ରେସନ ସାମଗ୍ରୀ ଦେଇଥିଲେ ।ଅଧିକ ଚିକିତ୍ସା ପାଇଁ ସହୃଦୟ ବ୍ୟକ୍ତି ସହାୟତାର ହାତ ବଢ଼ାଇବାକୁ ଗ୍ରାମବାସୀ ମାନଙ୍କ ପକ୍ଷରୁ ନିବେଦନ କରାଯାଇଛି ।

# ରାଜ୍ୟ ସ୍ତରୀୟ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷକ ସୋମନାଥ ସିଂହ ସମ୍ମାନିତ



ବାରିପଦା , ୨୧/୭ (ନି.ପ୍ର): ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ବେତନଟୀ ସ୍ଥିତ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତିଭା ପୂଜନ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ୩ୟ ବାର୍ଷିକ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବରେ ବାରିପଦାର ଶିକ୍ଷକ ସୋମନାଥ ସିଂହ ସମ୍ମାନିତ ହୋଇଛନ୍ତି ଓ ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୨୧ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ପ୍ରଧାନ ଶିକ୍ଷକ ଭାବେ ପୂର୍ଣ୍ଣଚନ୍ଦ୍ର ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କରିବା ସହ ଜଣେ ରକ୍ତଦାତା, ରକ୍ତଦାନ ଶିବିର ଆୟୋଜକ , ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ଅଭିନେତା, ସଫଳ ମଞ୍ଚ ପରିଚାଳନା ଆଦି ବିଭିନ୍ନ କ୍ଷେତ୍ରରେ ବେଶ ସୁନାମ ଅର୍ଜନ କରିଥିବା ଶ୍ରୀ ସିଂହଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଛି ଓ ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ପରିଚାଳନାରେ ମୁଖ୍ୟ ଅତିଥି ସମ୍ପାଦକ, ସମାଜ, ଡଃ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କ ହାତରେ 'ଶିକ୍ଷକଶ୍ରୀ ' ସମ୍ମାନରେ ସମ୍ମାନିତ ହୋଇ ଶ୍ରୀ ସିଂହ ବେଶ ଉତ୍ସାହିତ ଅଛନ୍ତି ବୋଲି ଜଣାଇବା ସହ ଭବିଷ୍ୟତରେ ଆହୁରି ଅଧିକ ସାମାଜିକ କାର୍ଯ୍ୟରେ ବ୍ରତୀ ହେବାପାଇଁ ଅନୁପ୍ରାଣିତ କରିବ ବୋଲି ପ୍ରକାଶ କରିଛନ୍ତି ଓ ଏଥିପାଇଁ ସେ ନିଜ ବିଦ୍ୟାଳୟର ଶିକ୍ଷକ / ଶିକ୍ଷୟତ୍ରୀ ଛାତ୍ରଛାତ୍ରୀ ତଥା ଅବସରପ୍ରାପ୍ତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ସନ୍ତୋଷ କୁମାର ମହାନ୍ତି ଓ ନାଟ୍ୟଗୁରୁ ଯକ୍ଷସତ୍ତ୍ୱ ବସାଙ୍କୁ ଶ୍ରେୟ ଦେଇଛନ୍ତି ।

# ହାଇଟେକ୍ କଲେଜର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଧର୍ମଶାଳା, ୨୧/୭ (ନି.ପ୍ର): ପବିତ୍ର ଗୁରୁ ଦିବସ ଅବସରରେ ଆଜି ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆସ୍ଥିତ ହାଇଟେକ୍ ଆବାସିକ ମହାବିଦ୍ୟାଳୟର ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ଆବାସିକ ମହାବିଦ୍ୟାଳୟର ଡାଇରେକ୍ଟର ଇଂ. ସନ୍ତୋଷ ଚୌଧୁରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯାଜପୁର ସାଂସଦ ଡ. ରବିନ୍ଦ୍ରନାରାୟଣ ବେହେରା, ମୁଖ୍ୟବକ୍ତା ଭାବେ ଡ. କପିଳ ଚନ୍ଦ୍ର ମହାନ୍ତି ଓ ସମ୍ମାନୀତ ଅତିଥିଭାବେ ନୀଳାଚଳ ଷ୍ଟିଲ ପ୍ଲାଂଟର ମ୍ୟାନେଜର ବରୁଣ ବନ୍‌ଛୋର ପ୍ରମୁଖ ଯୋଗ ଦେଇ ପ୍ରକୃତ ଗୁରୁ ହେଉଛନ୍ତି ବାପା ଆଉ ମାଆ । ଆଉ ତାଙ୍କ ପରେ ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତା ହେଉଛନ୍ତି ଦ୍ୱିତୀୟ ଗୁରୁ । ପିଲାମାନେ ଘରେ ଯେତିକି ସମୟ ଦେଉଛନ୍ତି ତାହାଠାରୁ ଅଧିକ ସମୟ ଦେଉଛନ୍ତି ଶିକ୍ଷାନୁଷ୍ଠାନମାନଙ୍କରେ । ପିଲାମାନଙ୍କ ପ୍ରତି ସେମାନଙ୍କ ଗୁରୁ ଦାୟିତ୍ୱ ରହିଛି । ଛାତ୍ରଛାତ୍ରୀମାନଙ୍କୁ ସଠିକ୍ ମାର୍ଗରେ ନେବା ସେମାନଙ୍କର ମୁଖ୍ୟ ଦାୟିତ୍ୱ ଓ କର୍ତବ୍ୟ ବୋଲି ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ କଲେଜର ଡ. ଅଲେଖ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷ ସନ୍ଦୀପ କୁମାର ବିଶ୍ୱାଳ ବାର୍ଷିକ ବିବରଣୀପାଠ କରିଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଆଜିଠୁ ସଂସଦର ....

ଘେରିବାକୁ ବିରୋଧୀ ଯୋଜନା ପ୍ରସ୍ତୁତ କରିଛନ୍ତି। ନିଟ୍ ୟୁଜି ସ୍କାମ ଅଭିଯୋଗ ସହ ଇଡି ଓ ସିବିଆଇ ଭଳି କେନ୍ଦ୍ରୀୟ ଏଜେନ୍ସିର ଅପବ୍ୟବହାର ଆଦି ପ୍ରସଙ୍ଗ କରିବ ବିରୋଧୀ କଂଗ୍ରେସ । ରାଜ୍ୟସଭା ସାଂସଦ ପ୍ରମୋଦ ତିୱାରୀ କହିଛନ୍ତି, ମୁଦ୍ରାସ୍ଫିତୀ, ବେରୋଜଗାରୀ, ପେପର ଲିକ୍, ଜାତୀୟ ସୁରକ୍ଷା ଆଦି ପ୍ରସଙ୍ଗ ଉଠାଯିବ । କଂଗ୍ରେସ ନେତା ଜୟରାମ ରମେଶଙ୍କ ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଁ ଶଝଜ କଂଗ୍ରେସ ନେତା ଦାବି କରିବେ । ସେହିପରି ଜେଡିୟୁ ମଧ୍ୟ ବିହାର ପାଇଁ ସମାନ ଦାବି ଉଠାଇବ । କିନ୍ତୁ ଏନେଇ ଟିଡିପି ନିରବ ବୋଲି କହିଛନ୍ତି ଜୟରାମ ରମେଶ।

ଚଳିତ ବଜେଟ ଅଧିବେଶନ ଆସନ୍ତା ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଶାସକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବିରୋଧୀଙ୍କ କଣ ରହିବ ଷ୍ଟ୍ରାଟେଜି ତାଉପରେ ସମସ୍ତଙ୍କ ରହିଛି ନଜର ।

### ଆଜିଠୁ ମୋହନ...

ଅଧ୍ୟକ୍ଷତାରେ ବିଧାନସଭାରେ ବସିଥିବା ସର୍ବଦଳୀୟ ବୈଠକକୁ ନବୀନ ଆସିନଥିଲେ, ହେଲେ ଯୋଗ ଦେଇଥିଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ବିଧାୟକ ଜୟନାରାୟଣ ମିଶ୍ର ଉପସ୍ଥିତ ଥିଲେ । ଗୃହ ସୁରୁଖୁରୁରେ ଚଳାଇବା ନେଇ ଉଭୟ ଦଳର ନେତାଙ୍କ ସହ କଥା ହୋଇଥିଲେ ବାଚସ୍ପତି । କିନ୍ତୁ ବୈଠକରେ ଯୋଗ ଦେଇନଥିଲା କଂଗ୍ରେସ । ବୈଠକ ହେବା ସୁଦ୍ଧା ବିଧାୟକ ଦଳ ନେତା ସ୍ଥିର ହୋଇନଥିବାରୁ କେହି ଯୋଗ ଦେଇ ପାରିଲେନି ବୋଲି କହିଛନ୍ତି ତାରା ବାହିନୀପତି । ଅନ୍ୟପଟେ ବିଧାନସଭାର ପ୍ରଥମ ତଥା ବଜେଟ୍ ଅଧିବେଶନ ମୋହନ ସରକାର ପାଇଁ ବେଶ ଚାଲେଞ୍ଜିଂ ରହିବ । କାହିଁକି ନା ସରକାରଙ୍କୁ ଘେରିବାକୁ ବିଧାୟକ ଦଳ ବୈଠକ କରି ପ୍ରସ୍ତୁତ ହୋଇଛି ବିରୋଧୀ ବିଜେଡି । ଆଡ଼ପ ପହଣ୍ଡି ବେଳେ ମହାପ୍ରଭୁ ବଳଭଦ୍ର ପଡ଼ିଯିବା ଘଟଣା, ରାଜ୍ୟପାଳଙ୍କ ପୁଅ ବିବାଦ ପ୍ରସଙ୍ଗ, ଦରଦାମ ବୃଦ୍ଧି, ଧାନ ଗଝଚ ୩୧୦୦କୁ ବୃଦ୍ଧି, ୩୦୦ ୟୁନିଟ ମାଗଣା ବିଜୁଳି ପ୍ରତିଶ୍ରୁତି କଥା ଉଠାଇ ନୂଆ ସରକାରଙ୍କୁ ଟାର୍ଗେଟ କରିବାକୁ ଯୋଜନା କରିଛି ବିଜେଡି । ଏପଟେ ବିଧାନସଭା ପରିସରରେ ଆଜି ବସିଛି ବିଜେପି ବିଧାୟକ ଦଳ ବୈଠକ । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ବିରୋଧୀଙ୍କ କାଉଣ୍ଟର କରିବା ସହ କେଉଁ ପ୍ରସଙ୍ଗ ବିଧାନସଭାରେ ଉଠାଇବେ ସେ ନେଇ ଚର୍ଚ୍ଚା ଆଲୋଚନା ହୋଇଛି । ବିଶେଷ କରି ମୋହନ ସରକାରଙ୍କ ୪୦ ଦିନର ଉପଲବ୍ଧି କଥା ବିଧାନସଭାରେ ରଖିବ ଦଳ । ସରକାରକୁ ଆସୁ ଆସୁ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲିବା, ସୁଭଦ୍ରା ଯୋଜନା ପାଇଁ ପ୍ରକ୍ରିୟା ଆରମ୍ଭ, ଏହା ସହ ପୂର୍ବ ନବୀନ ସରକାରର ୨୪ ବର୍ଷର କଳା ଚିଠା ଖୋଲି ବିଜେଡିକୁ କାଉଣ୍ଟର କରିବାକୁ ରଣନୀତି ପ୍ରସ୍ତୁତ ହୋଇଛି । ଆସନ୍ତାକାଲି କଂଗ୍ରେସ ବିଧାୟକ ଦଳ ବୈଠକ ବସିବ । ଆସନ୍ତାକାଲି ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ବିଧାନସଭାର ସପ୍ତଦଶ ଅଧିବେଶନ । ୨୪ରେ ଉପବାଚସ୍ପତି ନିର୍ବାଚନ । ଆଉ ୨୫ରେ ଆସିବ ମୋହନ ସରକାରଙ୍କ ପ୍ରଥମ ବଜେଟ୍ ।

### ଘରକୁ ଫେରୁଥିଲେ ...

ପାଇଁ ପଠାଇ ଦେଇଛି। ବୁଝାସୁଝା ପରେ ଉତ୍ତେଜନା ପ୍ରଶମିତ ହୋଇଛି। ପୂର୍ବପରି ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ସେପଟେ ହାଇୱା ଡ୍ରାଇଭର କିଛି ଦୂରରେ ଗାଡ଼ି ଛାଡ଼ି ପଳାଇ ଯାଇଛି। ପୁଲିସ୍ ଗାଡ଼ିଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଏହାପୂର୍ବରୁ ଅର୍ଥାତ ସପ୍ତାହେ ତଳେ ବୋଲେରୋ ଧକ୍କାରେ ୩ ଜଣଙ୍କ ଜୀବନ ଯାଇଥିଲା।

### ଓଡ଼ିଶା ପ୍ରଦେଶ କମିଟିକୁ ...

ଅଧ୍ୟକ୍ଷତାରେ ବସିଥିଲା ସର୍ବଦଳୀୟ ବୈଠକ। ଏଥିରେ କଂଗ୍ରେସରୁ କେହି ସାମିଲ ହୋଇ ନଥିଲେ। କଂଗ୍ରେସର ବିଧାୟକ ଦଳ ନେତା ବଛା ହୋଇ ନଥିବାରୁ ଏଭଳି ସ୍ଥିତି ଉତ୍ପନ୍ନ ହୋଇଥିଲା। ଆଉ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ଖୋଦ୍ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ସେ କହିଥିଲେ ଯେ କଂଗ୍ରେସ ଭଳି ଏକ ପୁରୁଣା ଦଳ ସର୍ବଦଳୀୟ ବୈଠକରେ ଯୋଗ ନଦେଇପାରିବା ଦୁର୍ଭାଗ୍ୟଜନକ। ଅନ୍ୟପକ୍ଷରେ ରାମଚନ୍ଦ୍ର କାଡ଼ାମ କହିଥିଲେ ଯେ ସର୍ବଦଳୀୟ ବୈଠକ ନେଇ ତାଙ୍କ ଦଳକୁ ଔପଚାରିକ ଚିଠି କରାଯାଇ ନଥିଲା। ଏହା ସହିତ ଆଜି ସନ୍ଧ୍ୟା ସୁଦ୍ଧା କଂଗ୍ରେସ ବିଧାୟକ ଦଳ ନେତାଙ୍କ ନାଁ ଘୋଷଣା ହେବ ବୋଲି ସେ କହିଥିଲେ। ଶ୍ରୀ କାଡ଼ାମ ଏହି ପ୍ରତିକ୍ରିୟା ରଖିବାର କିଛି ଘଣ୍ଟା ମଧ୍ୟରେ ଏଆଇସିସି ପକ୍ଷରୁ ତାଙ୍କରି ନାଁ କଂଗ୍ରେସ ବିଧାୟକ ଦଳ ନେତା ଭାବେ ଘୋଷଣା କରାଯାଇଛି।

### ଦେଶବ୍ୟାପୀ ହିଂସା ମଧ୍ୟରେ...

ଶୁଣାଣି ଆଜି ସୁପ୍ରିମକୋର୍ଟରେ ହୋଇଥିଲା । ସୁପ୍ରିମକୋର୍ଟ ତାଙ୍କ ଶୁଣାଣି ବେଳେ ପୂର୍ବ ସଂରକ୍ଷଣ ବ୍ୟବସ୍ଥାକୁ ପ୍ରତ୍ୟାହାର କରି ସରକାରୀ ଚାକିରି କ୍ଷେତ୍ରରେ ମେଧା ସୂଚୀ ମୁତାବକ ୯୩ ପ୍ରତିଶତ ଚାକିରି ମିଳିବ ବୋଲି କହିଛନ୍ତି । ବାଂଲାଦେଶରେ ଲାଗି ରହିଥିବା ହିଂସାର ମୂଳ କାରଣ ହେଉଛି ସରକାରୀ ଚାକିରି କ୍ଷେତ୍ରରେ ସଂରକ୍ଷଣ ବିବାଦ । ୧୯୭୭ ମସିହାରେ ସ୍ୱତନ୍ତ୍ରତା ସେନାନୀ ପରିବାରକୁ ସରକାରୀ ଚାକିରି କ୍ଷେତ୍ରରେ ୩୦ ପ୍ରତିଶତ ସଂରକ୍ଷଣ ମିଳୁଥିଲା । ଗୋଟିଏ ଗୋଷ୍ଠୀ ଏହି ସଂରକ୍ଷଣ ବ୍ୟବସ୍ଥା ଜାରି ରହୁବୋଲି ଦାବି କରୁଥିବା ବେଳେ ଅନ୍ୟ ଗୋଷ୍ଠୀ ଏହି ସଂରକ୍ଷଣ ବ୍ୟବସ୍ଥାକୁ ସମାପ୍ତ କରିବାକୁ ଦାବି କରି ହିଂସା କରୁଥିଲେ ।

### ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ...

ପରୀକ୍ଷା ଫଳ ପ୍ରକାଶ ପାଇଛି। ପୂର୍ବ ପ୍ରକାଶିତ ପରୀକ୍ଷା ଫଳରେ ୬ ଜଣ ୭୨୦ରୁ ୭୨୦ ମାର୍କ ରଖିଥିବାବେଳେ ଚଳିତ ରେଜଲ୍ଟରେ କୌଣସି ଛାତ୍ରଛାତ୍ରୀ ୭୦୦ ମାର୍କ ଛୁଇଁପାରିନଥିବା ଦେଖିବାକୁ ମିଳିଛି। ନିଟ୍ ୟୁଜି ପରୀକ୍ଷାରେ ୬୭ ଜଣ ପିଲା ୭୨୦ ମାର୍କ ରଖି ଟପ୍ କରିବା ପରେ ପ୍ରଶ୍ନପତ୍ର ଲିକ ଅଭିଯୋଗ ହୋଇଥିଲା। ଏହାପରେ ଘଞ୍ଚଇ ପକ୍ଷରୁ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆ ଯାଇଥିଲା।

### ଆଜି ଶ୍ରାବଣର ପ୍ରଥମ...

କରିଛି କମିଶନରେଟ ପୋଲିସ। କାଉଡ଼ିଆଙ୍କର ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, କ୍ରାଉଡ୍ ମ୍ୟାନେଜମେଂଟ, ଅପ୍ରୀତିକର ପରିସ୍ଥିତି କୁ ରୋକିବା ଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଲିଙ୍ଗରାଜ ମନ୍ଦିର ଓ ଅନ୍ୟ ୨୬ ଟି ସ୍ଥାନରେ ୨ ଜଣ ଅତିରିକ୍ତ ଡିସିପି, ୪ ଜଣ ଏସିପି, ୬ ଇନ୍ସପେକ୍ଟର, ୩୦ ସବଇନ୍ସପେକ୍ଟର ଓ ଏଏସଆଇ ଙ୍କ ସହ ମୋଟ ୧୫ ସେକ୍ସନ ଫୋର୍ସ ମୁତୟନ ହେବେ। ରାଜଧାନୀରେ କାଉଡ଼ିଆ ଯିବା ଆସିବା ବାଟରେ ମୋବାଇଲ ପେଟ୍ରୋଲିଂ ଟିମ, ପିସିଆର ରହିବ। ଦୁର୍ଘଟଣା ରୋକିବା ସହ ଆଶୁ ଚିକିତ୍ସା ପାଇଁ ଛକ ମାନଙ୍କରେ ଫାଷ୍ଟଏଡ଼ ଓ ମୋବାଇଲ ମେଡ଼ିକାଲ ୟୁନିଟ ରହିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ମିଳିଥିବା ସୂଚନା ଅନୁସାରେ ଜଳ ଉଠାଇବା ସ୍ଥାନ ବା ବିଭିନ୍ନ ନଦୀ ପଠାରେ ଓଡ୍ରାଫ୍ ଓ ଫାୟାର ଫାଇଟିଂ ୟୁନିଟ୍ ନିୟୋଜିତ ରହିବେ। ବିଭିନ୍ନ ସ୍ଥାନରେ ସିସିଟିଭି ରହିଛି। କଂଟ୍ରୋଲ ରୁମ ମଧ୍ୟରୁ ଏସବୁକୁ ମନିଟର କରାଯିବ।

# ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଶ୍ରାବଣ ପ୍ରଥମ ସୋମବାରରେ କାଉଡ଼ିଆଙ୍କ ଜଳାଭିଷେକ



ନୀଳଗିରି , ୨୧/୭ (ନି.ପ୍ର): କଳିଯୁଗର ସର୍ବଶକ୍ତିମାନ ପରମ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଶମ୍ଭୁ ନାଥଙ୍କୁ ଶ୍ରାବଣ ମାସରେ ଜଳଲାଗି କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ବିଶ୍ୱାସରେ ପ୍ରତ୍ୟେକ ହିନ୍ଦୁ ବିଭିନ୍ନ ଶୈବପୀଠରେ ଶ୍ରାବଣ ମାସର ପ୍ରତି ସୋମବାର ଶିବଙ୍କ ମସ୍ତକରେ ପାଣି ଢ଼ାଳି ପୁଣ୍ୟ ଅର୍ଜନ କରିବା ଲକ୍ଷ୍ୟରେ କାହିଁ କେଉଁ କାଳରୁ ଏହି ପରମ୍ପରାରେ ବିଶ୍ୱାସ ରଖି ପାଣି ଢାଳିଥାଆନ୍ତି। ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ଠାରେ ଚଳିତ ବର୍ଷ ଶ୍ରାବଣ ପ୍ରଥମ ସପ୍ତାହରେ କାଉଡ଼ିଆ ଭକ୍ତମାନେ ବିଭିନ୍ନ ପବିତ୍ର ନଦୀ ଏବଂ ଜଳଧାରରୁ ଜଳ ସଂଗ୍ରହ କରି ବାବାଙ୍କ ମସ୍ତକରେ ପାଣି ଢ଼ାଳିଥିବାର ଦେଖିବାକୁ ମିଳିଛି। ବୋଲବମ୍ ହରହର ବମ୍ ଧ୍ୱନିରେ କାଉଡ଼ିଆ ମାନେ ଜଳଭାର ନେଇ ଯାଉଥିବା ବେଳେ ଶୈବପୀଠ କମିଟି ତରଫରୁ କାଉଡିଆମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହିତ ପୀଠକୁ ପଲିଥିନ ମୁକ୍ତ ପାଇଁ ସଚେତନତାର ବାର୍ତ୍ତା ଦିଆଯାଇଛି। ତେବେ ନୀଳଗିରି ସୋନ ନଦୀ ସମେତ ବୁଢ଼ାବଳଙ୍ଗ, ଗଙ୍ଗାହାର ଆଦି ବିଭିନ୍ନ ନଦୀର ପାଣି ବହନ କରି ଶିବଙ୍କ ମସ୍ତକରେ ପାଣି ଢାଳିବା ପାଇଁ ଯାଉଥିବା କାଉଡ଼ିଆ ଭକ୍ତଙ୍କ ସମେତ ନୀଳଗିରି ଏନଏସି ୧ନଂ ୱାର୍ଡ ଛୁଆଖସା ନଦୀ ପଟାପୋଲ ନିକଟସ୍ଥ କୋଟେଶ୍ୱର୍ ଶିବମନ୍ଦିର ନିକଟରୁ କିଛି କାଉଡ଼ିଆ ଭକ୍ତ ପାଣି ଉଠାଇ ପଞ୍ଚଲିଙ୍ଗେଶ୍ୱର ଅଭିମୁଖେ ଯାଉଥିବା ଦେଖିବାକୁ ମିଳିଛି। ତେବେ ଶ୍ରାବଣ ମାସ ପ୍ରଥମ ସୋମବାର ହୋଇଥିବାରୁ କାଉଡ଼ିଆଙ୍କ ଭିଡ଼ କମ୍ ଥିବା ପରିଲକ୍ଷିତ ହୋଇଛି।

# ମହମ୍ମଦନଗରପାଟଣା ପଂଚାୟତ କାର୍ଯ୍ୟାଳୟରୁ ଚୋରୀ

ଜଳେଶ୍ୱର , ୨୧/୭ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ମହମ୍ମଦନଗରପାଟଣା ପଂଚାୟତ କାର୍ଯ୍ୟାଳୟରୁ ଚୋରୀ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଗତ ରାତିରେ ଦୁବୃତ୍ତମାନେ କାର୍ଯ୍ୟାଳୟର ଗେଟ ତାଲା ଭଂାଗି ଭିତରେ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, କମ୍ପୁଟର ପ୍ରିଣ୍ଟର୍ସ ଚୋରୀ ହୋଇଥିବା ଏତାଲାରେ ଦର୍ଶା ଯାଇଛି । ୫ଟି ଯାକ କୋଠରୀରେ ତାଲା ଭଂଗା ଯାଇଥିବା ସଂପର୍କରେ ପଂଚାୟତ ସଂପାଦକ ଅତୁଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ ରାଜ୍ୟ ସରକାର ବଦଳିବାପରେ ବିଭିନ୍ନ ବ୍ଲକର ବିଭିନ୍ନ ପଂଚାୟତରେ ଥିବା ପଂଚାୟତ କାର୍ଯ୍ୟାଳୟ ମାନଙ୍କରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରୀ ହେଉଥିବା ପଛର କାରଣ ସଂପର୍କରେ ବହୁକଥା ଶୁଣିବାକୁ ମିଳୁଛି ।

# ବାଲିଆପାଳ ଡାକ ବଙ୍ଗଳାରେ ସବୁଜ କାର୍ଡଧାରୀ ମା'ମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ



ଲଙ୍ଗଳେଶ୍ୱର, ୨୧/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ରବିବାର କୁଶଧ୍ୱଜ ଜେନାଙ୍କ ସଭାପତିତ୍ୱରେ ସବୁଜ କାର୍ଡ ଧାରି ମାଆ ମାନଙ୍କ ଦ୍ୱାରା ଅନୁଷ୍ଠିତ ଏକ ଗୁରୁତ୍ୱ ପୁର୍ଣ ବୈଠକରେ ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖାର ଆବାହକ ଅନୁଜ କୁମାର ମହାପାତ୍ର ଯୋଗ ଦେଇ ସରକାର ସବୁଜ କାର୍ଡ ଧାରି ମାଆ ମାନଙ୍କୁ ଜନ୍ମ ନିୟନ୍ତ୍ରଣ ଯୋଜନାର ସମସ୍ତ ସୁବିଧା ଯୋଗାଇ ଦିଅନ୍ତୁ ବୋଲି ଦାବି କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ତତ୍କାଳୀନ ସରକାର ୧୯୮୩ ମସିହାରେ ଜନସଂଖ୍ୟା ବୃଦ୍ଧିକୁ ଅଖି ଆଗରେ ରଖି ଭିନ୍ନ ଲୋଭନୀୟ ଯୋଜନା ଦେଖାଇ ହଜାର ହଜାର ମାଆ ମାନଙ୍କୁ ଜନ୍ମ ନିୟନ୍ତ୍ରଣ ଆଇନରେ ସାମିଲ କରାଇଥିଲେ। ମାତ୍ର ତାହା ଆଜି ଯାଏ ପୂରଣ ନକରି ୨୦୧୨ ମସିହା ଠାରୁ ଏହି ଯୋଜନାକୁ ବନ୍ଦ କରି ଦେଇଛନ୍ତି ।ଯାହାକି ମାଆ ମାନଙ୍କ ପ୍ରତି ଘୋର ଅନ୍ୟାୟ କରଯାଇଛି। ଜନ୍ମ ନିୟନ୍ତ୍ରଣ ଯୋଜନା ରେ ଯେଉଁ ମାଆ ମାନେ ସାମିଲ ଅଛନ୍ତି ସେମାନଙ୍କୁ ସରକାର ଘୋଷଣା କରାଯାଇଥିବା ଗରିବ ଓ ମଧ୍ୟ ବିତ ପରିବାରକୁ ବାସ ଗୃହ, ଭୂମୀ ହୀନ ମାନଙ୍କୁ ଆଠ ଡିସମିଲ ଘର ଡିହ, ସରକାରୀ ଶିକ୍ଷାନୁଷ୍ଠାନ ରେ ପାଞ୍ଚ ଭାଗ ସ୍ଥାନ ସଂରକ୍ଷଣ ଆଦି ଯୋଗାଇଦେବା ଉଚିତ ବୋଲି ମଧ୍ୟ କହିଥିଲେ। ଏହି ଅବସର ରେ ଅନୁଷ୍ଠିତ ସଭାରେ ମହିଳା ମାନେ ଗ୍ରୀନ କାର୍ଡ ଧାରୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ଭାରତର ପ୍ରଧାନ ମନ୍ତ୍ରୀ, ଓଡ଼ିଶା ମୁଖ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚୀବ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ବାଲେଶ୍ୱର ଜିଲ୍ଲାପାଳ, ବାଲେଶ୍ୱର ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ ସହିତ ବିଭିନ୍ନ ବିଭାଗକୁ ଦରଖାସ୍ତ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯଦି ତତ୍କାଳୀନ ଘୋଷିତ ସମସ୍ତ ସୁବିଧା ନମିଳେ ତାହେଲେ ଆଗମୀ ଦିନରେ ପଲ୍ଲୀ ରୁ ଦିଲ୍ଲୀ ଯାଏ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଅସ୍ତି, ଘଣ୍ଟୁଆ, ନିଖିରା, କୁମ୍ଭାରୀ, ଶ୍ରୀରାମପୁର, ଦେଉଳା, ମଧୁପୁରା, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା ଓ ଦେଭୋଗ ପଞ୍ଚାୟତରରୁ ଉପସ୍ଥିତ ସବୁଜ କାର୍ଡ ମାଆ ମାନେ ଚେତାବନୀ ଦେଇଛନ୍ତି। ସୁଜାତା ସାହୁ, ସନ୍ଧ୍ୟା ରାଣୀ ଦେ, ଶ୍ରଦ୍ଧାଞ୍ଜଳୀ ବିଶି , ସବିତ୍ରୀ ଗିରି, ସନ୍ଧ୍ୟାରଣି ରାଜ ଙ୍କ ସହିତ ଶତାଧିକ ସବୁଜ କାର୍ଡ ଧାରି ମାଆ ମାନେ ଏହି ବୈଠକ ରେ ଉପସ୍ଥିତ ଥିଲେ।

# କାଳି ମନ୍ଦିର ଯୋଗକେନ୍ଦ୍ର ପକ୍ଷରୁ ଗୁରୁପୂର୍ଣ୍ଣିମା ଓ ବୃକ୍ଷରୋପଣ ଅନୁଷ୍ଠିତ



ବାଲେଶ୍ୱର, ୨୧/୭ (ନି.ପ୍ର): ବାଲେଶ୍ୱର ବିବେକାନନ୍ଦ ମାର୍ଗସ୍ଥିତ ଲଳିତେଶ୍ୱରୀ କାଳି ମନ୍ଦିରରେ ଅବସ୍ଥିତ ଯୋଗକେନ୍ଦ୍ର ତରଫରୁ ଆଜି ବ୍ରାହ୍ମ ମୁହୂର୍ତ୍ତରେ ଧ୍ୟାନ, ପ୍ରାଣାୟାମ ଓ ୧୦୮ ଅଖଣ୍ଡ ଓମ୍ ଜପ ସହିତ ଗୁରୁପୂଜନ ଉତ୍ସବ ପାଳିତ ହୋଇଥିଲା। ଏଥିରେ ବାଲେଶ୍ୱର ସହରରେ ଅବସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ଯୋଗକେନ୍ଦ୍ର, ସହଦେବଖୁଣ୍ଟା ଯୋଗକେନ୍ଦ୍ର, ରାଧାକୃଷ୍ଣ ମନ୍ଦିର ଯୋଗକେନ୍ଦ୍ର ପ୍ରଭୃତି ବିଭିନ୍ନ ଅନୁଷ୍ଠାନର ସାଧକ ସାଧିକା ଭାଗ ନେଇଥିଲେ। କାଳି ମନ୍ଦିର ଯୋଗକେନ୍ଦ୍ରର ସଭାପତିଙ୍କ ଅଧ୍ୟକ୍ଷତାରେ ଗୁରୁପୂଜନ ଉତ୍ସବ ପାଳିତ ହୋଇ ଯୋଗଗୁରୁ ସୁଜିତ କୁମାର ଜେନା ଓ ଗୁରୁମା ଜ୍ୟୋସ୍ନାଲତା ଜେନାଙ୍କୁ ସମ୍ମାନୀତ କରାଯାଇଥିଲା। ସମ୍ପାଦକ ରଞ୍ଜନ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମନ୍ଦିରର ପୂଜକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ନନ୍ଦ ପୂଜା ଓ ଯଜ୍ଞାନୁଷ୍ଠାନ କରିଥିଲେ। ଶ୍ରୀମତୀ ରୀତା ରାଉତ, ଧ୍ରୁବଚରଣ ବେହେରା, ଦିବାକର ପରିଡ଼ା, ସରସ୍ୱତୀ ଭୋଇ, ତୃପ୍ତି ପୋଥାଳ, ସ୍ନେହଲତା ଦାସ, ବିଜୟଲକ୍ଷ୍ମୀ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶ୍ରୀ ଭୂପତି ଚରଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ବସ୍ତାର ବରୁଣଗଡ଼ିଆ ସ୍ଥିତ ରାଧାଗୋବିନ୍ଦଜୀଉ ମଠରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଠ ପରିସରରେ ଭଜନ କୀର୍ତ୍ତନ ସହିତ ପ୍ରସାଦ ସେବନ କରି ଭକ୍ତମାନେ ଉଲ୍ଲସିତ ହୋଇଥିଲେ।

# ସକ୍ରିୟ ହେଲେଣି ଗୋ ମାଫିଆ: ଟ୍ରକ ସହ ୪୦ ଗୋରୁ ଉଦ୍ଧାର

ନୀଳଗିରି , ୨୧/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା ଅନ୍ତର୍ଗତ ଶେରଗଡ଼ ଟୋଲଗେଟ ଦେଇ ପ୍ରତିଦିନ ପଶ୍ଚିମବଙ୍ଗକୁ ବେଆଇନ ଭାବେ ଗୋ ଚାଲାଣ କରାଯାଉଛି । ଗୋ ମାଫିଆ ମାନେ ସ୍ଥାନୀୟ କିଛି ଯୁବକ ମାନଙ୍କୁ ହାତ ଗୁଞ୍ଜା ଦେଇ ଗୋ ଚାଲାଣ ଗାଡିକୁ ସୁରକ୍ଷା ଦେବା ପାଇଁ ଭଡାଟିଆ ଗୁଣ୍ଡାଙ୍କୁ ବ୍ୟବହାର କରି ରାତି ଅଧରେ ଚାଲାଣ କରିବାରେ ସକ୍ଷମ ହେଉଛନ୍ତି। ଟୋଲ ଗେଟରେ ସିସିଟିଭି ଲାଗିଥିଲେ ମଧ୍ୟ ଚକମା ଦେଇ ଗାଡ଼ି ପାରେଇବାରେ ଗୋ ମାଫିଆ ସକ୍ଷମ ହେଉଛନ୍ତି । ଏଥିସହିତ କିଛି ପୋଲିକର୍ମଚାରୀ ମାନଙ୍କୁ ହାତବାରିଶି କରି ଜାତୀୟ ରାଜପଥ ଦେଇ ଗୋ ମାଫିଆ ଚାଲାଣ କରିବାରେ ସକ୍ରିୟ ହେଉଥିବା ବେଳେ ଏହାକୁ ବିରୋଧ କରି ଗୋ ସୁରକ୍ଷା ବାହିନୀର କର୍ମକର୍ତା ଅଧିକାଂଶ ସମୟରେ ଆକ୍ରୋଶ ର ଶିକାର ହେଉଛନ୍ତି। ଗତ ୨୦ ତାରିଖ ଶନିବାର ବିଳମ୍ବିତ ରାତିରେ କଟକରୁ ପଶ୍ଚିମବଙ୍ଗ କୁ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ବେଳେ ବିଶେଷ ସୂତ୍ର ରୁ ଖବରପାଇ ଗୋ ସୁରକ୍ଷା ବାହିନୀ ଖନ୍ତାପଡ଼ା ପୋଲିସକୁ ଅବଗତ କରାଇଥିଲେ। ଦୁଇଘଣ୍ଟା ଚେଷ୍ଟାପରେ ଗୋରୁ ବୋଝେଇ ଟ୍ରକକୁ ଜବଦ କରାଯାଇଥିଲା । ଟ୍ରକରୁ ୪୦ଟି ଜୀବିତ ଗୋମାତା ଉଦ୍ଧାର କରିବା ପରେ ବାମପଦା ସ୍ଥିତ ମା ଭାରତୀ ଗୋଶାଳା ରେ ଖନ୍ତାପଡ଼ା ପୋଲିସ ଜିମା ଦେଇଥିବାର ଜଣାପଡିଛି। ଓଆ ? ୦୪ଏମ୍- ୬୦୫୭ ନମ୍ବର ବିଶିଷ୍ଟ ଗୋରୁ ବୋଝଇ ଟ୍ରକ ସହିତ ଚାଳକକୁ ଗିରଫ କରାଯିବା ସହିତ ୧୬୩/୨୪ରେଏକ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରଖିଛି । ଏଠାରେ ସୂଚନା ଯୋଗ୍ୟ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ତଥା ମା ଭାରତୀ ଗୋଶାଳାର ସମ୍ପାଦକ ଜିତେନ୍ଦ୍ର ସ୍ୱାଇଁଙ୍କ ସୂଚନାକ୍ରମେ ଖନ୍ତାପଡା ପୋଲିସ ସହଯୋଗରେ ପ୍ରାୟ ଦୁଇଘଣ୍ଟା ଧରି ଟ୍ରକକୁ ପିଛା କରାଯାଇ ଶେରଗଡ଼ ଟୋଲଗେଟ ନିକଟରେ ଜବଦ କରାଯାଇଥିଲା।

# ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚାର ସାଂଗଠନିକ ବୈଠକ ଅନୁଷ୍ଠିତ




ବାଲେଶ୍ୱର, ୨୧/୭ (ନି.ପ୍ର): ଆଜି ଜିଲ୍ଲା ବିଜେପି ଯୁବମୋର୍ଚ୍ଚାପକ୍ଷରୁ ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟର ବୈଠକ ଗୃହ ରେ ପୂର୍ବାହ୍ନ ରେ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚାର ସଭାପତି ରାଜେଶ୍ ମହାପାତ୍ର ଙ୍କ ଅଧକ୍ଷତା ରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି, ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର ଏହି ବୈଠକ ରେ ଉପସ୍ଥିତ ରହି ପୁରୀ ରେ ୨ଦିନ ଧରି ଆୟୋଜିତ କାର୍ଯ୍ୟକାରିଣୀ ବୈଠକ ରେ ଯୁବ ମୋର୍ଚ୍ଚା କୁ ଦିଆଯାଇଥିବା ଆଗାମୀ ଦାୟିତ୍ୱ ବିଷୟ ରେ ତାଙ୍କ ବକ୍ତବ୍ୟ ରଖିଥିଲେ, ଏହି ବୈଠକ କୁ ଜିଲ୍ଲା ସାଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ ପରିଚାଳନା କରିଥିଲେ, ଆଗାମୀ ଦିନରେ ବୃକ୍ଷ ରୋପଣ, କାର୍ଗିଲ ବିଜୟ ଦିବସ ପାଳନ, ତ୍ରିରଙ୍ଗା ଯାତ୍ରା ଓ ରକ୍ତ ଦାନ ଶିବିର ଆୟୋଜନ ବିଷୟ ରେ କିପରି ପାଳନ କରାଯିବ ଯୁବ ମୋର୍ଚ୍ଚା ସଭାପତି ରାଜେଶ୍ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ରାଜ୍ୟ ଓ କେନ୍ଦ୍ର ରେ ଡବଲ୍ ଇଞ୍ଜିନ ସରକାର୍ ଗଠନ ହୋଇଥିବାରୁ ଜିଲ୍ଲା ଯୁବ ମୋର୍ଚ୍ଚା ପକ୍ଷରୁ ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର ଙ୍କୁ ଧନ୍ୟବାଦ୍ ଦେବା ସହ ସମ୍ମାନୀତ କରାଯାଇଥିଲା, ଏହି କର୍ଯ୍ୟକ୍ରମ ରେ ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁବୋଧ ଚନ୍ଦ୍ର ପଣ୍ଡା , ଜିଲ୍ଲା ଗଣ ମାଧ୍ୟମ ସହ ସଂଯୋଜକ ରଣଜିତ୍ ପୃଷ୍ଟି,ଜିଲ୍ଲା ଉପ ସଭାପତି ଅକ୍ଷୟ ବିଶ୍ୱାଳ, ନାରାୟଣ ମହନ୍ତ, ଦେବାଶିଷ ଆଚାର୍ଯ୍ୟ, ରାଜେନ୍ ପରିଡ଼ା, ରୁଦ୍ରଶ୍ରୀ ସଞ୍ଜୀବ ରାଉଳ,ସମ୍ପାଦକ ଶିବ ଶଙ୍କର ରାୟ, ତନ୍ମୟ ଚାନ୍ଦ, ଦିଲ୍ଲୀପ ପାତ୍ର, ଦିବ୍ୟସୁନ୍ଦର୍ ଦାସ, ଜିଲ୍ଲା ସୋସିଆଲ ମିଡ଼ିଆ ସଂଯୋଜକ ସୁମନ୍ତ ଦାସଙ୍କ ସମେତ ସମସ୍ତ ୫୦ଟି ମଣ୍ଡଳ ର ସଭାପତି ଉପସ୍ଥିତ ଥିଲେ ପରିଶେଷରେ ସମସ୍ତ ମଣ୍ଡଳ ସଭାପତି ଙ୍କୁ ଉଭୟ ନଡ଼ିଆ ଓ ଆମ୍ବ ଗଛ ର ଚାରା ଓ ସାର ପ୍ରଦାନ କରାଯାଇଥିଲା,ଜିଲ୍ଲା ସାଧାରଣ ସମ୍ପାଦକ ସ୍ୱାଧୀନ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବ୍ୟାସ ପୂର୍ଣ୍ଣିମା ଅବସରରେ ଉଦଳାରେ ଗୁରୁ ପୂଜନ ଉତ୍ସବ




ଉଦଳା , ୨୧/୭ (ନି.ପ୍ର): ଆଂଚଳିକ ଗୁରୁ ପୂଜନ କମିଟି, ଉଦଳା ତରଫରୁ ଆଜି ଜୁଲାଇ ୨୧ ତାରିଖ ରବିବାର ଦିନ ସ୍ଥାନୀୟ ସନ୍ଧାନ ଗୃହ ପରିସରରେ ବ୍ୟାସ ପୂର୍ଣ୍ଣମା ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଗୁରୁ ପୂଜନ ଉତ୍ସବ ପ୍ରତିବର୍ଷ ପରି ଚଳିତ ବର୍ଷ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ଗୁରୁ ପୂଜନ କମିଟିର ସଭାପତି ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ଆଲୋଚନା ଚକ୍ରରେ ଅଧ୍ୟକ୍ଷତା କରି ଉଦଳାର ପୂର୍ବତନ ବିଧାୟକ ୰ ଗୋଲକ ନାଏକଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ କିପରି ଆରମ୍ଭ ହୋଇଥିଲା ଓ ଆଜି ପର୍ଯ୍ୟନ୍ତ ଏହା କିପରି ବଂଚି ରହିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ସବୁଦିନ ପାଇଁ ବିଦାୟ ନେଇଯାଇଥିବା ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଉଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଆଲୋଚନାରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଉପନଗରପାଳ ଲିଲି ଭୋଳ, ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼. ଦିଲିପ କୁମାର ଦୀକ୍ଷିତ ଓ ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଅଂଶ ଗ୍ରହଣ କରି ଯୁଗେ ଯୁଗେ କିପରି ଗୁରୁଙ୍କୁ ଉଚ୍ଚ ଆସନ ଦିଆଯାଇଛି ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଗୋଲକ ନାଏକଙ୍କ ସହଧର୍ମଣୀ ତଥା ଗୁରୁପୂଜନ କମିଟିର ପ୍ରତିଷ୍ଠାତା ସଦସ୍ୟା ସୁବାସିନି ନାଏକ ତାଙ୍କର ବକ୍ତବ୍ୟରେ କହିଲେ ତାଙ୍କର ସ୍ୱାମୀ ଗୋଲକ ନାଏକ ମନ୍ତ୍ରୀ ଥିବା ସମୟରେ ବେତନଟୀ ଠାରେ ସେପଟ୍ମେର ୫ ତାରିଖ (ଗୁରୁ ଦିବସ)ଟିକୁ ପାଳନ ଆରମ୍ଭ କରିଥିଲେ । ଏହାପରେ ସେ ଉଦଳାର ବିଧାୟକ ହେବା ପରେ ଗୁରୁପୂର୍ଣ୍ଣିମା ଟିକୁ ଉଦଳାଠାରେ ଗୁରୁପୂଜନ ଉତ୍ସବ ଭାବରେ ପାଳନ କରିଥିଲେ । ଉକ୍ତ ଦୁଇଟି ଯାକ ଉତ୍ସବ ଆଜି ପର୍ଯ୍ୟନ୍ତ ବଂଚି ରହିଥିବାରୁ ସେ ଖୁବ୍ ଆନନ୍ଦିତ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଗୁରୁପୂଜନ କମିଟିର ସଂପାଦକ ଦିଲିପ କୁମାର ଜେନା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀ ବିଦ୍ୟା ଟ୍ରଷ୍ଟ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଉଦଳା , ୨୧/୭ (ନି.ପ୍ର): ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ତରଫରୁ ଉଦଳା ସହରର ୱାର୍ଡ଼ ନଂ-୧୧ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଟ୍ରଷ୍ଟର ପ୍ରତିଷ୍ଠାତା ଦୁଳମଣି ପୁହାଣ ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ତରଫରୁ ବର୍ଷ ତମାମ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହାପରେ ପ୍ରଧାନ ଶିକ୍ଷୟିତ୍ରୀ ଅସୀମା କର ବୃକ୍ଷ ଠାରୁ ଆମେ କିପରି ଖାଦ୍ୟ, ବସ୍ତ୍ର, ବାସଗୃହ ପାଇଥାଉ ଏବଂ ବଂଚି ରହିବା ପାଇଁ ଅମ୍ଳଜାନ ମଧ ବୃକ୍ଷ ଆମକୁ ଦେଇଥାଏ ବୋଲି ପିଲା ମାନଙ୍କୁ ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଉଦଳାସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପର ପ୍ରଶାସକ ନରେନ୍ଦ୍ର ଖମାରି, ଡ଼ା. କମଳାକାନ୍ତ ନାୟକ, ବ୍ରହ୍ମଚାରି ଅଚ୍ୟୁତ ଚୈତନ୍ୟ ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଜଙ୍ଗଲ ସଂପଦ ନଷ୍ଟ ହୋଇଯିବା ଯୋଗୁଁ ଆଜି କିପରି ବିଭିନ୍ନ ପ୍ରକାର ବିପର୍ଯ୍ୟୟକୁ ଆମକୁ ସାମନା କରିବାକୁ ପଡୁଛି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ଆମ୍ବ, ପଣସ, ପିଜୁଳି, କମଳା, ଲେମ୍ବୁ ଇତ୍ୟାଦି ବୃକ୍ଷ ରୋପଣ କରାଯାଇଥିଲା । ଟ୍ରଷ୍ଟର ସଦସ୍ୟା ସୁଭଦ୍ରା ରାଉତ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

# ଜନକଲ୍ୟାଣକାରୀ ସଂସ୍ଥା ‘ସହାୟକ’ ବାଲେଶ୍ୱର ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଲେଶ୍ୱର , ୨୧/୭ (ନି.ପ୍ର): ଜନକଲ୍ୟାଣକାରୀ ସଂସ୍ଥା ‘ସହାୟକ’ ବାଲେଶ୍ୱର ତରଫରୁ ରେମଣା ବ୍ଲକ୍ ସେରଗଡ଼ ନିକଟସ୍ଥ ହିରାଟିକିରି ଗ୍ରାମର ମୂରଲି ରାଉତଙ୍କ ବଗିଚା ପରିସରରେ ଆମ୍ବ, ଲେମ୍ବୁ, ପିଜୁଳି, ସପେଟା ଇତ୍ୟାଦି ଭଳି ମୂଲ୍ୟବାନ ଫଳଚାରା ରୋପଣ କରାଯାଇଛି। ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ପ୍ରତିଷ୍ଠାତା ସଭ୍ୟ ଇଂ. ବନମାଳୀ ନାୟକ ଓ ଦିବାକର ମହାପାତ୍ର ଆନୁଷ୍ଠାନିକ ଭାବେ ଚାରାରୋପଣ କରି ଉଦ୍‌ଘାଟନ କରିଥିଲେ। ବୃକ୍ଷରୋପଣ ପରେ ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ବୃକ୍ଷ ସଂପର୍କିତ ଏକ ଆଲୋଚନା ସଭା କରାଯାଇଥିଲା। କୋଷାଧକ୍ଷ ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ, ବରିଷ୍ଠ ସଦସ୍ୟ କାମିନୀକାନ୍ତ ପାଢ଼ୀ, ଗୁଣାକର ଦେ, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ଦାସ, ଯଶୋଦା ନନ୍ଦନ ଆଶ ପ୍ରମୁଖ ସଂଘର ଆଭିମୁଖ୍ୟ ତଥା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବକ୍ତବ୍ୟ ରଖିଥିଲେ। ବୃକ୍ଷରୋପଣର ଆବଶ୍ୟକତା ତଥା ଉପକାରିତା ବିଷୟରେ ସମସ୍ତଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ତାରାକାନ୍ତ ନନ୍ଦ, ଗଙ୍ଗାଧର ପୃଷ୍ଟି, ଇଂ. କେଶବ ଚନ୍ଦ୍ର ମହାନ୍ତି, ପ୍ରଣିତା ମିଶ୍ର ଏବଂ ଶିଶିର କୁମାର ରଥ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ଗୃହକର୍ତ୍ତା ମୂରଲୀ ରାଉତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଗରସଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ କ୍ୱାର୍ଟରରୁ ଚୋରୀ

ଖଇରା, ୨୧/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଗରସଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶନିବାର ରାତିରେ ଚୋରୀ ହୋଇ ଯାଇଥିବା ନେଇ ସିମୁଳିଆ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ଚୋର ମାନେ ଗ୍ରିଲ ଓ କବାଟ ଭାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟରେ ଥିବା କମ୍ପ୍ୟୁଟର,ପ୍ରିଣ୍ଟର ଓ ଏଲଇଡି ଟିଭି ଚୋରାଇ ନେଇଥିବା ଅନ୍ୟାନ୍ୟ ଆସବାବପତ୍ର ଭାଙ୍ଗିରୁଜି ନଷ୍ଟ କରିଯାଇଛନ୍ତି । ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ମୁକ୍ତକାନ୍ତ ସ ଙ୍କ ଲିଖିତ ଅଭିଯୋଗ ପରେ ସିମୁଳିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ସେହିଭଳି ୮ଦିନ ତଳେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଏଏନଏମ କ୍ୱାର୍ଟର ଭାଙ୍ଗି ଚୋର ମାନେ ଏକ ଟ୍ୟାବଲେଟ ଓ ଅନ୍ୟାନ୍ୟ ଆସବାବ ପତ୍ର ନେଇ ପଳାଇଥିବାର ଏନଏନଏମ କଲ୍ୟାଣୀ ରାଉତ ଅଭିଯୋଗ କରିଥିଲେ । କ୍ରମାଗତ ଚୋରୀକୁ ନେଇ ଗରସଙ୍ଗବାସୀ ଭୟଭିତ ହୋଇପଡିଥିବା ବେଳେ ଚୋରମାନଙ୍କୁ ଧରିବାକୁ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର କୁମାର ଦାସ ଦାବୀ କରିଛନ୍ତି ।

# ବର୍ତ୍ତନା ଶ୍ରୀମା ଶ୍ରୀଅରବିନ୍ଦ ବିଦ୍ୟାଳୟର ଛାତ୍ର ନିଖୋଜ

ଜଳେଶ୍ୱର , ୨୧/୭ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ତ୍ତନ ପଂଚାୟତର ସେହି ଗ୍ରାମରେ ଥିବା ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ଗତ ୧୯ ତାରିଖ ଦ୍ୱିପହରରୁ ପ୍ରଶାନ୍ତ ସେଠୀଙ୍କ ପୁଅ କାହ୍ନୁ ଚରଣ ସେଠୀ(୯) ନିଖୋଜ ହୋଇଯାଇଥିଲେ । କାହ୍ନୁ ୪ର୍ଥ ଶ୍ରେଣୀରେ ପଢୁଥିବା ବେଳେ ବାପା ମା ଅନ୍ୟ ରାଜ୍ୟକୁ ଶ୍ରମିକ ଭାବେ କାର୍ଯ୍ୟକରିବାକୁ ଯାଇଥିଲେ । ପ୍ରଧାନ ଶିକ୍ଷକ ସନ୍ଦିପ ସାମଲ ଓ ପ୍ରତିଷ୍ଠାତା ହରେନ୍ଦ୍ର କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ଜଳେଶ୍ୱର ଥାନାରେ ଖବର ଦେଇଥିଲେ । ପୁଲିସ୍ ଆସି ବିଭିନ୍ନ ସ୍ଥାନରେ ଖୋଜି ବିଫଳ ହୋଇଥିବା ବେଳେ ବିଦ୍ୟାଳୟକୁ ଲାଗି ପ୍ରତିଷ୍ଠାତାଙ୍କ ଘରର ଭିତର ଏକ ପରିତ୍ୟକ୍ତ ସ୍ଥାନରୁ ଲୁଚି ଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଖବର ପାଇ ତାର ବାପା ପ୍ରଶାନ୍ତ ଘରେ ପହଞ୍ଚି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଜାରି ରଖିଥିବା ଜଣାଯାଇଛି ।

# ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ମାସିକ ବୈଠକରେ ଦୁଇ ପୁସ୍ତକ ଲୋକାର୍ପିତ




ବାଲିଆପାଳ, ୨୧/୭ (ନି.ପ୍ର): ଓଡ଼ିଶାର ସମ୍ଭ୍ରାନ୍ତ ତ୍ରୈମାସିକ ସାହିତ୍ୟ ପତ୍ରିକା ସ୍ୱପ୍ନଦୀପର ଚତୁର୍ଥ ସଂଖ୍ୟା ଆଜି ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭାଗୃହରେ ଲୋକାର୍ପଣ ହୋଇଯାଇଛି । ବାଲିଆପାଳ ବରିଷ୍ଠ ନାଗରିକ ସଂଘର ସଭାପତି ବିଶିଷ୍ଟ ଶିକ୍ଷାବିତ ଓ ଶିକ୍ଷକ ନେତା ଶ୍ରୀଯୁକ୍ତ ନାରାୟଣ ପ୍ରସାଦ ସାହୁ, ସମ୍ପାଦକ ଡ଼ଃ ବଙ୍କିମ ଚନ୍ଦ୍ର ଜେନା, ପୂର୍ଣ୍ଣ ଚନ୍ଦ୍ର ରାଜ ସମେତ ପ୍ରାଧ୍ୟାପକ ଡ଼ଃ ବିଜୟ କୁମାର ଦେ, ଗାନ୍ଧୀ ସେବାସଙ୍ଘର ସମ୍ପାଦକ ଶ୍ରୀଯୁକ୍ତ ସନ୍ୟାସି ବେହେରା ଆଦି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ପତ୍ରିକାକୁ ଲୋକାର୍ପଣ କରିଥିଲେ । ମୁଖ୍ୟ ସମ୍ପାଦକ୍ ବିଶିଷ୍ଟ ଲେଖକ ଶ୍ରୀ କାଳିକିଙ୍କର ସାମ୍ପ୍ରତିକ ଓଡ଼ିଆ ଭାଷା ସାହିତ୍ୟରେ ପତ୍ରପତ୍ରିକାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସଭାପତି ଶ୍ରୀଯୁକ୍ତ ନାରାୟଣ ପ୍ରସାଦ ସାହୁ ବାଲିଆପାଳ ମାଟିରେ ଆଜି ସ୍ୱପ୍ନଦୀପର ଲୋକାର୍ପଣ ଉତ୍ସବ ଏକ ଆନନ୍ଦର ବିଷୟ ବୋଲି ପ୍ରକାଶ କରିଥିଲେ । ସ୍ୱପ୍ନଦୀପ ପତ୍ରିକାର ସମ୍ପାଦିକା ସୌଭାଗିନୀ ମିଶ୍ର ସ୍ୱପ୍ନଦୀପ ପତ୍ରିକା କେମିତି ଏକ ସ୍ୱତନ୍ତ୍ର ପତ୍ରିକା ଭାବରେ ସବୁ ବୟସର ପାଠକ ଓ ଲେଖକ ମାନଙ୍କ ଦ୍ୱାରା ଆଦୃତ ହୋଇପାରିଛି ସେ ବିଷୟରେ ଆଲୋକପାତ କରିଥିଲେ । ପ୍ରାଧ୍ୟାପକ ବିଜୟ କୁମାର ଦେଙ୍କ ପୁସ୍ତକ ଆସ ଗପ ପଢ଼ିବା ମଧ ଉନ୍ମୋଚିତ ହୋଇଥିଲା । ଶ୍ରୀ କାଳିକିଙ୍କର ଏହି ପୁସ୍ତକର ସମୀକ୍ଷା କରି କଥାକାର ବିଜୟ କୁମାର ଦେ ସାମ୍ପ୍ରତିକ ସମୟର ଏକ ବଳିଷ୍ଠ ସ୍ୱର ବୋଲି କହିଥିଲେ । ଶ୍ରୀଯୁକ୍ତ ଶଙ୍କର୍ଷଣ ପରିଡା ଓ ଶ୍ରୀମତୀ ପରିଡା ସୁନ୍ଦର ଜଗନ୍ନାଥ ଭଜନ ସହ ସ୍ୱାଗତ ସଙ୍ଗୀତ ପରିବେଷଣ କରଥିଲେ । ଏହି ଅବସରରେ ସନ୍ୟାସୀ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ କବି ତଥା ଶିକ୍ଷାବିତ୍ତ ଶ୍ରୀହରି ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ରାଜ,ଝାଡେଶ୍ୱର ଦାସ, କାର୍ତ୍ତିକ ଚନ୍ଦ୍ର ରାଉତ,ବୀର ମାଧବ ଦାସ, ବିଜୟ ପାତ୍ର , ଭୀମ ଚରଣ ସାମଲ, କମଳ ଲୋଚନ ପାଳ, ଶିଶିର କୁମାର ମଣ୍ଡଳ , ବେଣୁଧର ମଣ୍ଡଳ, ଅନନ୍ତ କୁମାର ଗିରି,ଧୀରେନ୍ଦ୍ର ନାଥ ହାଜରା , ଦେବେନ୍ଦ୍ର ଅଣ୍ଡିଆ,ବିଦ୍ୟାଧର ପରିଡା ଅଧାପକ କୁଞ୍ଜକାନ୍ତ ପାତ୍ର ସମେତ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ବହୁ ସଦସ୍ୟ ଏହି ଉତ୍ସବରେ ଯୋଗ ଦେଇଥିଲେ ।

# ତୁଳସୀଚୌରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ‘ମାତୃ ସମ୍ମିଳନୀ’




ବାରିପଦା୨୧/୭ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାରିପଦା, ତୁଳସୀଚଉରା ଶିଶୁବାଟିକା ବିଭାଗ ଦ୍ୱାରା 'ମାତୃ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସମିତି ସଭାପତି ଶ୍ରୀଯୁକ୍ତ ଗଙ୍ଗାଧର ବେହେରା ପୌରହିତ୍ୟ କରି ନିଜର ସୁଚିନ୍ତିତ ମାର୍ଗଦର୍ଶନ କରିଥିଲେ । ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଡୁଭିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପତିତପାବନ ଦତ୍ତ ଯୋଗ ଦେଇ ନିଜର ଅଭିଜ୍ଞତାରୁ ଶିଶୁଶିକ୍ଷାରେ ମାଆମାନଙ୍କର ଭୂମିକାର ବିଭିନ୍ନ ଦିଗ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସୁଧୀର କୁମାର ମହାନ୍ତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଶିଶୁଶିକ୍ଷାରେ ଭାରତର ଜାତୀୟ ସଙ୍କଳ୍ପନା ବିଷୟରେ ଗୁରୁମା ଅପର୍ଣ୍ଣା ସାହୁ ଆଲୋଚନା ସଂଯୋଜନା କରିଥିଲେ ଏବଂ ଗୁରୁଜୀ ଶ୍ରୀଯୁକ୍ତ ବିଷ୍ଣୁ ଚରଣ ମହାନ୍ତ ଶଙ୍କା ମୋଚନ କରିଥିଲେ । ପରିଶେଷରେ ବିଦ୍ୟାଳୟର ସମ୍ପାଦକ ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ପାଲ ଆଲୋଚନାର ସଫଳ ରୂପାୟନ ହୋଇପାରିଥିବାରୁ ସଭିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଆଚାର୍ଯ୍ୟା ଦୀପ୍ତିପ୍ରଭା କୁଅଁରବାବୁ, ସବିତା ଘୋଷ, ମାଣିକେଶ୍ୱରୀ କୁଅଁର, ଯାମିନୀପ୍ରଭା ଗିରି ଗୁରୁମା କାର୍ଯ୍ୟକ୍ରମ ସଂଚାଳନରେ ସହଯୋଗ କରି ସମ୍ମିଳନୀକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଅରବିନ୍ଦ କେଜରିୱାଲଙ୍କ ସ୍ୱାସ୍ଥ୍ୟ ସହିତ ଖେଳାଯାଉଛି: ସଂଜୟ ସିଂହ

ନୂଆଦିଲ୍ଲୀ, ୨୧/୭ (ନି.ପ୍ର): ଆମ ଆଦମୀ ପାର୍ଟିର ରାଜ୍ୟସଭା ସଦସ୍ୟ ସଂଜୟ ସିଂହ ରବିବାର ଅଭିଯୋଗ କରିଛନ୍ତି ଯେ, ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ସ୍ୱାସ୍ଥ୍ୟ ସହିତ ଖେଳାଯାଉଛି । ଦିଲ୍ଲୀରେ ଏକ ପ୍ରେସମିଟରେ ସଂଜୟ ସିଂହ କହିଛନ୍ତି ଯେ, ବିଜେପି ପ୍ରଥମେ ଅଭିଯୋଗ ଆଣିଲା ଯେ, ସୁଗାର ବଢାଇବା ପାଇଁ ଅରବିନ୍ଦ କେଜରିୱାଲ ଅଧିକ ସୁଗାର ନେଉଛନ୍ତି । ଏବେ ବିଜେପିକୁ ଲାଗୁଛି ଯେ, ସେ ତାଙ୍କ ଖାଦ୍ୟ କମ୍ କରିଦେଇଛନ୍ତି । କୌଣସି ବ୍ୟକ୍ତି ନିଜ ସ୍ୱାସ୍ଥ୍ୟ ସହିତ କାହିଁକି ଖେଳିବ । ସେ ଅଭିଯୋଗ କରିଛନ୍ତି ଯେ, ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ସ୍ୱାସ୍ଥ୍ୟ ସହିତ ଖେଳାଯାଉଛି । ଦିଲ୍ଲୀର ମୁଖ୍ୟସଚିବଙ୍କୁ ଉପରାଜ୍ୟପାଳ ଭିକେ ସାକସେନା ନିକଟରେ ଲେଖିଥିଲେ ଯେ, ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ନିର୍ଦ୍ଦିଷ୍ଟ ଖାଦ୍ୟପେୟ ଓ ଔଷଧ ଗ୍ରହଣ କରୁନାହାନ୍ତି । ଏହାକୁ ନେଇ ସେ ଚିନ୍ତା ବ୍ୟକ୍ତ କରିଥିଲେ । ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବେ ତିହାର ଜେଲରେ ଅଛନ୍ତି ।

# ପୌରପରିଷଦର ୪ନଂ ୱାର୍ଡରୁ ସ୍ୱଚ୍ଛତା ଅଭିଯାନ ଶୁଭାରମ୍ଭ

ଜଳେଶ୍ୱର , ୨୧/୭ (ନି.ପ୍ର): ମୋଦି ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଗତ କିଛିବର୍ଷ ଧରି ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇ ଲୋକଙ୍କ ନିକଟରେ ସଚେତନତା ସୃଷ୍ଟି କରାଯାଇ ଆସୁଛି । ଆଜି ପୂର୍ବାହ୍ନରେ ଚଳିତବର୍ଷରେ ଜଳେଶ୍ୱର ପୌର ପରିଷଦର ୪ନଂ ୱାର୍ଡରୁ ଶୁଭାରମ୍ଭ ହୋଇଛି । ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୟ କାମିଳା ସଭାପତିତ୍ୱ କରିଥିଲେ । ପୌରାଧ୍ୟକ୍ଷ ପ୍ରତିପ ପ୍ରଧାନ ଯୋଗ ଦେଇ ଅଳିଆ ଆବର୍ଜନା ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବା, ବିଓଭି ଗାଡିରେ ପ୍ରତ୍ୟେକ ପରିବାର ହସ୍ତାନ୍ତର କରିବାକୁ କହିଥିଲେ । ଏହି କାର୍ଯ୍ୟକ୍ରମ ଅଗଷ୍ଟ ୩୧ତାରିଖ ଯାଏ ବିଭିନ୍ନ ୱାର୍ଡରେ ଚାଲିବ ବୋଲି ଉପନଗରପାଳ ପୁଷ୍ପପ୍ରିୟା କାମିଳା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମିର ଆବାସ ଅଲ୍ଲି, ଆନନ୍ଦ କର, ବ୍ରଜଗୋପାଳ ଘୋଷମହାପାତ୍ର, ଅଜୟ ଦେ, ରତିକାନ୍ତ ପାତ୍ର, ଜ୍ୟୋତ୍ସ୍ନା ରାଣୀ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo